ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୧୨ ମାର୍ଚ୍ଚ, ୨୦୨୧

**ବଳାତ୍କାର ଅଭିଯୁକ୍ତ ୫ମାସ ପରେ କୋର୍ଟ ଚାଲାଣ**

ଲହୁଣୀପଡା,(ଡି.ଏନ.ଏ): ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ନିକଟସ୍ଥ ପୁରୁଣାପାଣି ଗ୍ରାମର ଜଣେ ବଳାତ୍କାର ଅଭିଯୁକ୍ତକୁ ଦୀର୍ଘ ୫ ମାସ ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରକ୍ସି ନିକଟସ୍ଥ ପୁରୁଣାପାଣି ଗ୍ରାମର ଜୀବନମାସି ମୁଣ୍ଡାର ପୁଅ ରୁପୁସ (୩୩) ଗତ ନଭେମ୍ବରରେ ଜନୈକା ଯୁବତୀକୁ ବଳାତ୍କାର କରିଥିବା କେ.ବଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇ ନ ଥିଲେ । କୌଣସି ସୂତ୍ରରୁ ଖବର ପାଇ କେ.ବଲାଙ୍ଗ ପୋଲିସ ରୁପୁସଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଜିଲା ପରିଷଦ ସଦସ୍ୟଙ୍କ ଘର ସମ୍ମୁଖରେ ଗୋମାଂସ ପକାଗଲା

କୁତ୍ରା, ୧୧।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଜିଲା ପରିଷଦ ମଣ୍ଡଳ 'କ'ର ସଦସ୍ୟ ଶରତ ଚନ୍ଦ୍ର ସାଙ୍କ କୁରୁଙ୍ଗା ସ୍ଥିତ ନିଜ ବାସଗୃହ ନିକଟରେ ଗୋମାଂସ ଫୋପଡା ଯାଇଥିବା ଘଟଣା ଉକ୍ତ ଅଳରେ ଚର୍ଚ୍ଚା ଓ ଉତ୍ତେଜନା ପାଇଁ ଖୋରାକ ଯୋଗାଇଲାଣି। କେଉଁ ପରିସ୍ଥିତିରେ କିଏ ଓ କାହିଁକି ଏ ପ୍ରକାର କାଣ୍ଡ ନିଭାଇଛି ସେ ବିଷୟକୁ ନେଇ ନିଜେ ଜିଲା ପରିଷଦ ସଭ୍ୟ ଶରତ କୁତ୍ରା ଥାନାରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପାଇବା ପରେ କୁତ୍ରା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ଜାରି ରଖିଛନ୍ତି। ତେବେ ଏପ୍ରକାର ପରିସ୍ଥିତି ଯେପରି ପୁନର୍ବାର ନ ଘଟେ ଏବଂ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ନ ହେଉ ବୋଲି ଚିନ୍ତାଶିଳ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି।

### କାରଖାନା ବସ୍ ଧକ୍କାରେ ମହିଳା ଗୁରୁତର, ଥାନାରେ ଏତଲା

କୁଆଁରମୁଣ୍ଡା, ୧୧।୩(ଡିଏନଏ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ବୁଧବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ବସ୍ ଦୁର୍ଘଟଣାରେ ଜଣେ ୫୫ ବର୍ଷିୟ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ଆହତ ମହିଳା ଜଣଙ୍କ ହେଉଛନ୍ତି ନିକଟସ୍ଥ ଡମ୍ ବସ୍ତିର ଫୁଲ ଡମ୍। ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍ ଓଆର୧୬ଇ ୯୯୯୮କୁ ଜବତ କରିଛି। ଏ ନେଇ ଫାଣ୍ଡିରେ ଏକ ମାମଲା(ନଂ.୫୪/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ପକ୍ଷରୁ ନୈତିକ ଆଚରଣ ସଚେତନତା ସପ୍ତାହ

ଟେନ୍‌ସା, ୧୧।୩(ଡି.ଏନ.ଏ): ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଉଚ୍ଚ ପାରଦର୍ଶିତା ସହ ନୈତିକ ମାନକକୁ ନିଷ୍ଠାର ସହ ପାଳନ ପୂର୍ବକ ବ୍ୟବସାୟ ପରିଚାଳନା କରିଆସିଛି। ଏହାକୁ ଆହୁରି ଦୃଢ଼ୀଭୁତ କରିବା ପାଇଁ କମ୍ପାନୀ ପକ୍ଷରୁ ମାର୍ଚ୍ଚ ୪ ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ନୈତିକ ଆଚରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ଅଧିକାରୀ, କର୍ମଚାରୀ ତଥା ସହକାରୀ ସଂସ୍ଥାଙ୍କୁ ଏ ଦିଗରେ ସଚେତନ କରିବା ସହିତ ବିଭିନ୍ନ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇ ସଚ୍ଚୋଟତା ସହ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜେ.ଏସ.ଡବ୍ଲୁ ଷ୍ଟିଲ(ଓଡିଶା)ର ମୁଖ୍ୟ ପରିଚାଳନା ଅଧିକାରୀ ରଞ୍ଜନ ନାୟକ ଉଦ୍‌ବୋଧନ ଦେଇଥିଲେ।

# ପ୍ରଦୂଷଣ ବିଷ ବଳୟରେ ଲୋକେ

କୁଆଁରମୁଣ୍ଡା, ୧୧।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର କୁଆଁରମୁଣ୍ଡା, ଗୋବିରା, ହାତୀବାରି-କାଲୋସିହିରିଆ ରୋଡ଼, ସରବେର୍ଣ୍ଣୀ, ନାଇକେନବାହାଲ, ଲୋଡୋସେରା ଇତ୍ୟାଦି ଅଞ୍ଚଳରେ ଏବେ ମାତ୍ରାଧିକ ପ୍ରଦୂଷଣ ଦେଖାଦେଇଛି । ଏପରିକି ସକାଳ ୯ଟା ପରେ ମଧ୍ୟ ବାୟୁମଣ୍ଡଳରୁ ଧୂମ କୁହୁଡି ଛାଡୁନି। ଏହିପରି ସମସ୍ୟା ଗତ ପ୍ରାୟ ଏକ ସପ୍ତାହର ଊର୍ଦ୍ଧ୍ୱ ହେଲା କୁଆଁରମୁଣ୍ଡା ଅଞ୍ଚଳରେ ଦେଖାଦେଇଛି। ଫଳରେ ଛୋଟ ପିଲା ଠାରୁ ଆରମ୍ଭ କରି ସ୍କୁଲ ପିଲା ବୃଦ୍ଧାବୃଦ୍ଧ, ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧୂଳିପୂର୍ଣ୍ଣ ବାୟୁ ସାଙ୍ଗକୁ କାରଖାନାଗୁଡିକର ବିଷାକ୍ତ ବାଷ୍ପ, ଜାତୀୟ ରାଜପଥରେ ବ୍ୟବହୃତ ସିମେଣ୍ଟ ଗୁଣ୍ଡଗୁଡିକ ଅହରହ ଉଡି ବାୟୁମଣ୍ଡଳକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଫଳରେ ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଥିବା ପୋଖରୀ, କୂଅ ଇତ୍ୟାଦିର ଜଳରେ ଏକ ପ୍ରକାରର ଆସ୍ତରଣ ଜମୁଥିବାରୁ ଏହାକୁ ଲୋକେ ବ୍ୟବହାର କରିବାରୁ ବିଭିନ୍ନ



ଯମୁନାନାକିସ୍ଥିତ ଶଙ୍ଖ ବ୍ରିଜ୍‌ରେ ଅପରାହ୍ନ ସମୟରେ ଧୂଳିପୂର୍ଣ୍ଣ ବାୟୁମଣ୍ଡଳରେ କୁହୁଡିର ଭ୍ରମ ସୃଷ୍ଟି କରୁଛି।

ଆନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ଆଖି ପୋଡୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ନାଇକେନବାହାଲ ଅଞ୍ଚଳରେ ଥିବା ସ୍ୱସ୍ତିକ, ବଜରଙ୍ଗ, ଟିପିଏସ୍‌ଏଲ୍, ଶାକମ୍ଭରୀ, ହାତୀବାରି ରୋଡରେ ଥିବା ସର୍ବେଶ ରିଫ୍ରାକ୍ଟୋରିଜ, ଟପ୍‌ଟେକ୍ ଇତ୍ୟାଦି କାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ପଦ୍ମପୁର, ଗୋବିରା, କୁମଝରିଆ, ଜଗଦୀଶପୁର ଇତ୍ୟାଦି ଅଞ୍ଚଳରେ ବେଆଇନଭାବେ ଗଢି ଉଠିଥିବା ଇଟାଭାଟିଗୁଡିକର କଳାଧୂଆଁରେ ନିକଟସ୍ଥ ଅଞ୍ଚଳର ବାୟୁମଣ୍ଡଳ ଏକ ପ୍ରକାରର ବିଷ ବଳୟ ସୃଷ୍ଟି କଲାଣି । ଏଥିଯୋଗୁ ଲୋକେ ଫୁସଫୁସ ସଂକ୍ରମଣ ଠାରୁ ଆରମ୍ଭ କରି ଚକ୍ଷୁରୋଗରେ ପୀଡିତ ହେଉଛନ୍ତି। ହେଲେ ଏ ନେଇ ପ୍ରଦୂଷଣ ବିଭାଗ ସତେ ଯେପରି କିଛି ନ ଜାଣିଲା ଭଳି ଚୁପ୍ ରହିଛି। ତେଣୁ ସ୍ଥାନୀୟ ଲୋକେ ଏବେ ବ୍ୟାପକ ବାୟୁ ପ୍ରଦୂଷଣ ଯୋଗୁ ତ୍ରାହିତ୍ରାହି ଡାକିଲେଣି।

**ତ୍ରାହିତ୍ରାହି ଡାକିଲେଣି କୁଆଁରମୁଣ୍ଡାବାସୀ**

ଅନୁରୁପଭାବେ ଗାଈଗୋରୁ, ଛେଳିମେଣ୍ଢା, ବନ୍ୟପ୍ରାଣୀମାନେ ମଧ୍ୟ ସମଦଶା ଭୋଗୁଛନ୍ତି। ଅନ୍ୟପକ୍ଷରେ କାରଖାନା ମାଲିକମାନେ କୁଆଁରମୁଣ୍ଡା, ନାଇକେନବାହାଲ, ଗୋବିରା, ଚାର୍ଡିହରିହରପୁର ଇତ୍ୟାଦି ଅଞ୍ଚଳରେ ନିଜର ଶିଳ୍ପସଂସ୍ଥା ସ୍ଥାପନ କରି ବେଶ୍ ମାଲାମାଲ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ସମ୍ପୂର୍ଣ୍ଣଭାବେ ଅଣଦେଖା କରିଚାଲିଛନ୍ତି। ଉପରିସ୍ଥ ଅଧିକାରୀମାନଙ୍କୁ ହାତକରି ପ୍ରଦୂଷଣ ନିୟମକୁ ଉଲ୍ଲଘଂନ କରିଚାଲିଛି। ଫଳରେ ସ୍ଥାନୀୟ ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ କେତେକେ ଏବେ ଅଞ୍ଚଳ ଛାଡିବାକୁ ପ୍ରସ୍ତୁତ ହେଲେଣି। ଏଭଳି ଗୁରୁତର ସମସ୍ୟାର ସମାଧାନ ନିମନ୍ତେ ପ୍ରଦୂଷଣ ବିଭାଗର ଉଚ୍ଚ ଅଧିକାରୀ ଓ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବି ହୋଇଛି।

# ରଷିବୋଧ ଉତ୍ସବ ଭାରତୀୟ ସଂସ୍କୃତିର ଆଧାର: ସ୍ୱାମୀ ପ୍ରଣବାନନ୍ଦ



ଅତିଥିମାନେ ଗଙ୍ଗୋତ୍ରି ଆନନ୍ଦର ଗଙ୍ଗା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବେଦବ୍ୟାସ, ୧୧।୩ (ଡି.ଏନ.ଏ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ବ୍ୟାସ ପୀଠ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଗୁରୁବାର ୬୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭାରତ ବର୍ଷର ଲବ୍ଧ ପ୍ରତିଷ୍ଠିତ ବୈଦିକ ବିଦ୍ୱାନମାନେ ଯୋଗଦେଇ ବେଦର ମାନବୀୟ ଗୁଣ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡକ୍ଟର ଦେବବ୍ରତଙ୍କ ତତ୍ତ୍ୱାବଧାନରେ ତ୍ରିଦିବସୀୟ ଯଜ୍ଞ ଉପଦେଶ ଓ ନୀତି ଅନୁଷ୍ଠିତ ହୋଇଯାଇଛି। ମହାନ ପରିବ୍ରାଜକ ସ୍ୱାମୀ ପ୍ରଣବା ନନ୍ଦ ୬୧ତମ ବାର୍ଷିକ ଉତ୍ସବକୁ ଉଦଘାଟନ କରି ଶିକ୍ଷା, ସଂସ୍କୃତି କ୍ଷେତ୍ରରେ ଗୁରୁକୁଳ ବୈଦିକ ଆଶ୍ରମର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଉଦଘାଟନ ସମାରୋହରେ ଓଡିଶାର ବୈଦିକ, ବିଦ୍ୱାନ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯଜ୍ଞ ଓ ବୈଦିକ କର୍ମକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୱାନମାନଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ବାନପ୍ରସ୍ଥ ଜୀବନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟକ୍ତିଗତ ସ୍ୱାର୍ଥକୁ ଛାଡି ସାମୂହିକ ସ୍ୱାର୍ଥରେ ନ୍ୟସ୍ତ ରହିଲେ ଆତ୍ମ ସନ୍ତୋଷ ଲାଭ ହୋଇପାରିବ ବୋଲି ଉପସ୍ଥିତ ପଣ୍ଡିତ ଓ ବିଦ୍ୱାନମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଯୋଗେନ୍ଦ୍ର ଉପାଧ୍ୟାୟ, ଅକ୍ଷେଶ୍ୱର ଧରୁଆ, ସତୀନ୍ଦ୍ର କୁମାର ସ୍ୱାଇଁ, ଡ. ଶୁଭେନ୍ଦୁ ପଟେଲ, ବିଭିଷଣ ବାରିକ, ସୁରେନ୍ଦ୍ର କୁମାର ଉପାଧ୍ୟାୟ, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାହିତ୍ୟିକ ତଥା ଚୋକଲ ବିଶ୍ୱ ବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ବିଜେତା ଡ. ସୁବାଷ ଚନ୍ଦ୍ର ଲେଙ୍କା, କେଦାରନାଥ ଖେଡିଆ, ନୃସିଂହ ବ୍ରହ୍ମଚାରୀ, ଗୁରୁକୁଳ ଆଶ୍ରମର ସମ୍ପାଦକ ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ପ୍ରଧାନ, ଦୀନବନ୍ଧୁ ପୃଷ୍ଟି, ଅଞ୍ଜନ ସାହୁ, ସନ୍ତୋଷ ଲେଙ୍କା, ଶ୍ରୀଧର ପୃଷ୍ଟି,ଜଗବନ୍ଧୁ ଶାସ୍ତ୍ରୀ, ପ୍ରଣତି ଲେଙ୍କା ପ୍ରମୁଖଙ୍କ ସମେତ ଶତାଧିକ ଆଶ୍ରମର ବ୍ରହ୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ଶେଷରେ ଆଶ୍ରମର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗଙ୍ଗୋତ୍ରି ଆନନ୍ଦର ଗଙ୍ଗା ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ସ୍କାଉଟ୍ ଗାଇଡ୍ସ ଓ ଜୁନିୟର ରେଡକ୍ରସ୍‌ର ସେବା ଶିବିର




ସୁନ୍ଦରଗଡ ମହାଦେବପଡା ଶିବମନ୍ଦିର ପ୍ରାଙ୍ଗଣରେ ଜିଲା ସ୍କାଉଟ ଗାଇଡ ଏବଂ ଜିଲା ଜୁନିୟର ରେଡକ୍ରସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସେବା କାର୍ଯ୍ୟ।

ସୁନ୍ଦରଗଡ, ୧୧।୩ (ଡି.ଏନ୍.ଏ)

ମହାଶିବରାତ୍ରି ଅବସରରେ ସୁନ୍ଦରଗଡ ଜିଲାର ବିଭିନ୍ନ ଶୈବପୀଠ ମାନଙ୍କରେ ଜିଲା ସ୍କାଉଟ , ଗାଇଡ ଏବଂ ଜିଲା ଜୁନିୟର ରେଡକ୍ରସ ଦ୍ୱାରା ସେବାଶିବିର ଆୟୋଜିତ ହୋଇଥିଲା। ସୁନ୍ଦରଗଡ ମହାଦେବପଡାସ୍ଥିତ ଶିବମନ୍ଦିର, ରାମଜୀମନ୍ଦିର, ମଝାପଡା ମେଢାସ୍ଥିତ ମେଢେଶ୍ୱର ମନ୍ଦିର ,ଟାଙ୍ଗରପାଲି ବ୍ଲକ ବେଲସରା ଶିବମନ୍ଦିର ତଥା ଜିଲାର ବିଭିନ୍ନ ଶୈବପୀଠରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପାନୀୟ ଜଳ ବଣ୍ଟନ, ମାକ୍ସ ବଣ୍ଟନ, ସାନିଟାଇଜର ବଣ୍ଟନ ,ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ ସହିତ ମନ୍ଦିର ପରିସର ସଫେଇକରଣ ଆଦି କରାଯାଇଥିଲା। ତାହାସହ କୋଭିଡ- ୧୯ର ନିୟମ ପାଳନପୂର୍ବକ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷାକରି ଦର୍ଶନ କରିବା ପାଇଁ ସ୍କାଉଟ, ଗାଇଡ ଏବଂ ଜୁନିୟର୍ସମାନେ ସଚେତନ କରାଇଥିଲେ। ଜିଲା ସ୍କାଉଟ, ଗାଇଡ୍ ତଥା ଜିଲା ଜୁନିୟର ରେଡକ୍ରସର ସମ୍ପାଦକ ଭାରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷିକା ସଂଯୁକ୍ତା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୂରୀ , ଜିଲା ଜୁନିୟର ରେଡକ୍ରସ ଅଫିସର ଅନିଲ କୁମାର ପାଣିଗ୍ରାହୀ,ଏନସିସି ଅଫିସର ସୁଧାଂଶୁ ଚୌଧୂରୀ, ଦେବେନ୍ଦ୍ର ଭୈଷାଁଲ, ଅନୁପ ମହାପାତ୍ର, ଜିତେନ୍ଦ୍ର ପ୍ରତାପ କେଶରୀ, ରାଘବେନ୍ଦ୍ର ଠାକୁର, ମିରିଣ୍ଡା ବାରା, ସୁସ୍ମିତା ଯୋଶୀ, ଅଫତାବ୍ ଆଲାମ, ବିଶ୍ୱରଞ୍ଜନ ପୁରୋହିତ, ଅନିତା ଦାସ, ସ୍ୱାଗତିକା ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏଣିକି ୨୫ଟଙ୍କାରେ ମିଳିବ ନୂତନ ଭୋଟର ପରିଚୟପତ୍ର

ସୁନ୍ଦରଗଡ, ୧୧।୩ (ଡି.ଏନ୍.ଏ)

ଯଦି କୌଣସି ଭୋଟରଙ୍କ ପରିଚୟପତ୍ର ହଜିଯାଇଥାଏ ,ନଷ୍ଟ ହୋଇଯାଇଥାଏ ଅଥବା ଅନ୍ୟ ଯେକୌଣସି କାରଣରୁ ନୂତନ ଭୋଟର ପରିଚୟପତ୍ର ପାଇବାକୁ ହେଲେ ଏବେ ଏହା ୨୫ଟଙ୍କାରେ ମିଳିପାରିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରତ୍ୟେକ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲାପାଳ କାର୍ଯ୍ୟାଳୟକୁ ଭୋଟର ପରିଚୟପତ୍ର ଛାପିବା ପାଇଁ ଗୋଟିଏ ଲେଖାଏ ଛାପାଯନ୍ତ୍ର ଯୋଗାଇ ଦେଇଛନ୍ତି। ନୂତନ ଭୋଟର ପରିଚୟପତ୍ର ଆବଶ୍ୟକ କରୁଥିବା ଭୋଟରମାନେ ସଂପୃକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସିଧାସଳଖ ୨୫ଟଙ୍କା ଦାଖଲ କରି ନୂତନପରିଚୟପତ୍ର ପାଇପାରିବେ। ଏଥିପାଇଁ ଡେପୁଟି କଲେକ୍ଟର ଏବଂ ଉପଜିଲାପାଳମାନଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନେଇ ଜିଲା କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ ଜିଲା ନିର୍ବାଚନ କାର୍ଯ୍ୟାଳୟର ଉପବିଭାଗ ଅଧିକାରୀ ଲୀଳାଧର କାଲୋ, ସୁଦାମ ଚନ୍ଦ୍ର ପଟେଲ, ତରଣୀସେନ ପଟେଲ, ପରେଶ କୁମାର ବେହେରା, ବେଦପ୍ରକାଶ ପଶାୟତ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମର ମହିଳା

ଦେବଗଡ଼, ୧୧।୩(ଡି.ଏନ.ଏ)

**ମଙ୍ଗୁଳି ପୂର୍ବରୁ ଯୁବତୀ ନିଖୋଜ**

ମଙ୍ଗୁଳି ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜଣେ ଯୁବତୀ ହଠାତ ନିଖୋଜ ହୋଇଯାଇଥିବା ବେଳେ ତାଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ମୁତାବକ ବୁଧବାର ଦେବଗଡ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ଜଣେ ବ୍ୟକ୍ତିଙ୍କର ଝିଅ ବିବାହ ବାରକୋଟ ଥାନା ଅନ୍ତର୍ଗତ ସିଙ୍ଗୁରୀ ଗ୍ରାମର ଜଣେ ଯୁବକଙ୍କ ସହ ହେବାର କାର୍ଯ୍ୟକ୍ରମ ରହିଥିଲା । ଏହି ବିବାହ ଉତ୍ସବ ପାଇଁ ପରିବାର ଲୋକେ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ବେଳେ ବୁଧବାର ସକାଳେ ମଙ୍ଗଳତି ପାଇଁ ଝିଅକୁ ଖୋଜାଯିବା ବେଳେ ସେ ଆଉ ଘରେ ନ ଥିବା ଜଣାପଡିଥିଲା । ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ଯୁବତୀଙ୍କୁ ଉକ୍ତ ଗ୍ରାମର ଗଗନ ଦେହୁରୀଙ୍କ ପୁଅ ରାକେଶ ଦେହୁରୀ ଅପହରଣ କରିନେବା ସହ କୌଣସି ଅଜ୍ଞାତ ସ୍ଥାନରେ ରଖିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନିଖୋଜ ଯୁବତୀଙ୍କୁ ତୁରନ୍ତ ଖୋଜିଆଣିବା ପାଇଁ ଗ୍ରାମର ମହିଳାମାନେ ଦେବଗଡ ଥାନାକୁ ଆସି ଦାବି ଜଣାଇଥିଲେ।

# ରୋଟାରି କ୍ଲବ ପକ୍ଷରୁ ଜୈବିକ କୃଷି ତାଲିମ ଶିବିର

ସୁନ୍ଦରଗଡ, ୧୧।୩ (ଡି.ଏନ୍.ଏ)

ରୋଟାରୀ କ୍ଲବ ସୁନ୍ଦରଗଡ ଏବଂ କୃଷି ବିଜ୍ଞାନକେନ୍ଦ୍ର କିରେଇର ମିଳିତ ଆନୁକୂଲ୍ୟରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ତାଲିମ କକ୍ଷଠାରେ ଅନୁଷ୍ଠିତ ଏହି ଶିବିରକୁ ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ଡ. ଚିରବ୍ରତ ଦତ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିବିରରେ ସଭାପତିତ୍ୱ କରି ଡ. ଦତ୍ତ ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଡମକୁଡା , ଜପଙ୍ଗା, ଅମରସଙ୍ଗା, ଝରାକାନୀ, ବିଜିଲିଖମନ ଓ ତୁମେଲମୁଡ ଆଦି ଗ୍ରାମର ୨୫ଜଣ ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ତୁମେଲବୁଡ ଗ୍ରାମକୁ ରୋଟାରୀ କ୍ଲବ ପକ୍ଷରୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଥିବା ସମ୍ପର୍କରେ କ୍ଲବର ସଭାପତି ଡ. ଦତ୍ତ ଘୋଷଣା କରିଥିଲେ। କୃଷି ବିଜ୍ଞାନକେନ୍ଦ୍ର ତରଫରୁ ବରିଷ୍ଠ କୃଷି ବୈଜ୍ଞାନିକ ତଥା ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ଡ. ସତ୍ୟମୟ ଶତପଥୀ ଓ ଡ. ଡେଭିଡ ବାଗେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ମୁଖ୍ୟତଃ ଜୈବିକ ଚାଷ ଉପରେ ତାଲିମ ଦିଆଯିବା ସହ ଜିଆଖତ ଓ ହାଇଡ୍ରୋପନିକ୍ସ ପଦ୍ଧତି ବିଷୟରେ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। କୃଷି ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ସୁରେନ୍ଦ୍ର ପଟେଲ ମଧ୍ୟ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କ ସହିତ ରୋଟାରୀ କ୍ଲବର ରୋଟାରିଆନ୍ ସମୀର କର, ସୁରେଶ ପୃଷ୍ଟି, ବାଲଗୋପାଲ ମିଶ୍ର, ଶୋଭନ ଦାସ, ଗଣେଶ ରୋହିଲା, ଓମପ୍ରକାଶ ସାହୁ, କମଲ ନାଏକ, ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ଜିଲାପାଳଙ୍କ ଆହ୍ୱାନ

ସୁନ୍ଦରଗଡ଼, ୧୧।୩ (ଡି.ଏନ୍.ଏ)

ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ଗ୍ରୀଷ୍ମ ପ୍ରବାହ ପ୍ରାକ୍ ପ୍ରସ୍ତୁତି ବୈଠକ ଓ ଜିଲା ବିପର୍ଯ୍ୟୟ ପରିଚାଳନା ଯୋଜନା, ସୁନ୍ଦରଗଡ଼ର ନବୀକରଣ ସମ୍ବନ୍ଧୀୟ ବୈଠକ ଭିଡିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ନିଖିଳ ପବନ କଲ୍ୟାଣ ସଭାପତିତ୍ୱ କରିଥିଲେ। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ଅନୁଯାୟୀ ସଭାକୁ ପରିଚାଳନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସରୋଜ କୁମାର ମିଶ୍ର, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡ. ବିକାଶ ଚନ୍ଦ୍ର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି, ଜିଲା ଆପାତ ଅଧିକାରୀ କୁନ୍ତିରାଣୀ ନାଏକ, ଜିଲା ବିପର୍ଯ୍ୟୟ ପ୍ରକଳ୍ପ ଅଧିକାରୀ ପ୍ରଦୋଷ ରଞ୍ଜନ ଜେନା, ଜରୁରୀ ବିଭାଗର କର୍ମଚାରୀ ବୃନ୍ଦ ଏବଂ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିଲା।

ସୁନ୍ଦରଗଡ ଜିଲାରେ ଥିବା ସମସ୍ତ ଅଚଳ ନଳକୂପ ଗୁଡିକୁ ଯଥାଶିଘ୍ର ମରାମତି କରି କାର୍ଯ୍ୟକ୍ଷମ କରିବା ନିମନ୍ତେ ନିର୍ବାହୀ ଅଧିକାରୀ ଗ୍ରାମ୍ୟ ପାନୀୟ ଜଳଯୋଗାଣ, ରାଉରକେଲା ଓ ସୁନ୍ଦରଗଡ ତଥା ଜନସ୍ୱାସ୍ଥ୍ୟ ବିଭାଗକୁ ସଭାପତିଙ୍କ ଦ୍ୱାରା



ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

ନିର୍ଦ୍ଦେଶ ଦିଆଯାଇଥିଲା। ଏଗୁଡିକ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ଆବଶ୍ୟକୀୟ ଯନ୍ତ୍ରାଂଶ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଗଲା।

ସଭାପତିଙ୍କ ଦ୍ୱାରା ସମସ୍ତ ସୁନ୍ଦରଗଡ଼ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମ୍ୟୁନିସିପାଲଟିର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଅଙ୍ଗନୱାଡି କେନ୍ଦ୍ର, ହାଟ, ବସଷ୍ଟାଣ୍ଡ, ଯାତ୍ରୀ ଓ ବିଶ୍ରାମଗୃହ ନିକଟରେ ପିଇବା ପାଣି ବ୍ୟବସ୍ଥା କିମ୍ବା ଜଳଛତ୍ର ଖୋଲିବା ପାଇଁ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜିଲା ପ୍ରାଣୀ ସମ୍ପଦ ବିକାଶ ଅଧିକାରୀଙ୍କୁ ବୁଲା ପଶୁ ଓ ଅନ୍ୟ ପ୍ରାଣୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ଛୋଟ ଛୋଟ 'ଭାଟ' କରିବା ପାଇଁ ସଭାପତି ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧୭ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଆମ୍ବୁଲାନସକୁ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟସେବାରେ ନିୟୋଜିତ କରାଯାଇଛି। ସଭାପତିଙ୍କ ଦ୍ୱାରା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ସମସ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ଟେଙ୍କର ମାଧ୍ୟମରେ ତଥା ପାଣି ଟାଙ୍କି ଦ୍ୱାରା ଜଳକ୍ଳିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଅଛି। ଏହି ବୈଠକରେ ସୁନ୍ଦରଗଡ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିଜ ବିଭାଗର ଆଗାମୀ ଗ୍ରୀଷ୍ମ ପ୍ରବାହ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ। ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକୀୟ ଔଷଧ, ଓଆରଏସ. ପାଉଡର ଓ ଅନ୍ୟାନ୍ୟ ବ୍ୟବସ୍ଥା ସହ ଡାକ୍ତର ମଧ ଉପସ୍ଥିତ ରହି ଗ୍ରୀଷ୍ମ ପ୍ରବାହ ପାଇଁ ସ୍ୱାସ୍ଥ୍ୟବିଭାଗ ପ୍ରସ୍ତୁତ ଥିବା ଉଲ୍ଲେଖ କରିଥିଲେ। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିବାର ସୂଚନା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚିତ କରିଥିଲେ। ପ୍ରାୟ ୨୭ଟି ଆମ୍ବୁଲାନସକୁ ସ୍ୱାସ୍ଥ୍ୟସେବାରେ ନିୟୋଜିତ କରାଯାଇଛି। ଅଂଶୁଘାତ ଜନିତ ପୀଡିତ ବ୍ୟକ୍ତିଙ୍କର ଚିକିତ୍ସା ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତଥା ସଦର ମହକୁମାଗୁଡିକରେ ଅଂଶୁଘାତ ପ୍ରକୋଷ୍ଠ ପ୍ରସ୍ତୁତ କରାଯାଇଛି। ଅଂଶୁଘାତ ଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗ ଗୁଡିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ୍: ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ୍ ଗୁରୁବାର ମିର୍ଦ୍ଧାଡେରାର ଏକ ଘର ଭିତରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ସୁକାନ୍ତ ଛଣ୍ଡାଙ୍କ ଝିଅ ବୃନ୍ଦାବତୀ (୧୯)। ଏ ନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁକରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମା'ବାପା ବାହାରକୁ କାମ କରିବା ପାଇଁ ଯାଇଥିବାବେଳେ ଯୁବତୀ ଜଣଙ୍କ ଘରେ ଥିଲେ। କାମରୁ ଫେରି ମା'ବାପା ଝିଅର ମୃତଦେହ ଏକ ଶାଢ଼ିରେ ଘର ଭିତରେ ଝୁଲୁଥିବା ଦେଖି ପୋଲିସ୍‌କୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଯୁବତୀ ଜଣଙ୍କ ବହୁ ସମୟ ଧରି ମୋବାଇଲ୍‌ରେ କଥା ହୁଅନ୍ତି। ଏ ନେଇ ମା'ବାପା ତାଙ୍କୁ ତାଗିଦ୍ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲାସ୍ତରୀୟ କବାଡି ଖେଳାଳି ଚୟନ ଶିବିର, ମନ୍ଦଲିଆ ଖେଳପଡିଆ, ସକାଳ ୭ଟା ।
- ସ୍ପୋର୍ଟିଂ ୟୁନିୟନ କ୍ଲବ ଆୟୋଜିତ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
- ହୀରାଖଣ୍ଡ ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଶିଶୁ ନିର୍ଯ୍ୟାତନା ନିରୋଧ କର୍ମଶାଳା, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ବନାଗ୍ନି ନିୟନ୍ତ୍ରଣ ପାଇଁ ୨୭ ଜଣିଆ ଓ୍ୱାଚ୍ଫ ଟିମ୍: ସହାୟକ ହେଲା ବର୍ଷା

ଦେବଗଡ଼,୧୧।୩(ଡି.ଏନ.ଏ): ଦେବଗଡ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଗୁରୁବାର ୨୭ଜଣିଆ ଓ୍ୱାଚ୍ଫ ଟିମକୁ ନିୟୋଜିତ କରାଯାଇଛି । ଡିଏଫ୍‌ଓ ଶ୍ରୀମତୀ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ପକ୍ଷରୁ ଏହି ୨୭ଜଣଙ୍କ ମଧ୍ୟରୁ ୧୭ଜଣଙ୍କୁ ବାରକୋଟ, ପାଲଲହଡା ଓ ଖମାର ବନାଞ୍ଚଳରେ ନିୟୋଜିତ କରାଯାଇଛି। ଅବଶିଷ୍ଟ ୧୦ଜଣଙ୍କୁ ଦେବଗଡ ବନାଞ୍ଚଳ ଓ ରିଆମାଳ ବନାଞ୍ଚଳରେ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଦେବଗଡ ଜିଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ଏବଂ ଛୋଟ ଛୋଟ କୁଆପଥର ବୃଷ୍ଟି ହୋଇଥିବା ବେଳେ ଏହା ମଧ ଜଙ୍ଗଲ ନିଆଁ ଲିଭାଇବାରେ ସହାୟକ ହୋଇଛି । ଏଣୁ ଏହି ବର୍ଷା ଯୋଗୁ ଜନସାଧାରଣ ଏବଂ ବନ କର୍ମଚାରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଦେଖାଦେଇଛି ।

### କୋଇଲା ଖଣି ପରିସରରେ ବାଇକକୁ ନେଇ ଚର୍ଚ୍ଚା

ଝାରସୁଗୁଡ଼ା ଅଫିସ୍,୧୧।୩: ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧୀନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ଡ୍ରୋଜର ସେକ୍ସନ୍ ନିକଟରେ ଏକ ଅଜଣା ବାଇକ୍ (ଓଆର୍୨୩ବି-୮୨୮୬) ୨ଦିନ ହେଲା ରହିଛି। ନିକଟରେ ଏକ ସାର୍ଟ ଓ ଚପଲ ପଡିଥିବାରୁ ଏହାକୁ ନେଇ ବନ୍ଧବାହାଲରେ ଚର୍ଚ୍ଚା ହେଉଛି। ଲୋକେ ବନହରପାଲି ଥାନାରେ ଜଣାଇବା ପରେ ପୋଲିସ୍ ତଦନ୍ତ ଚଳାଇଛି।

### ଧର୍ମଚନ୍ଦ୍ରଦେବ ଜୀ ମହାରାଜଙ୍କ ଜୟନ୍ତୀ

ସମ୍ବଲପୁର, ୧୧।୩ (ବ୍ୟୁରୋ): ବିହଙ୍ଗମ ଯୋଗ ସଂସ୍ଥାନ ସଦ୍‌ଗୁରୁ ଆଚାର୍ଯ୍ୟ ଧର୍ମଚନ୍ଦ୍ରଦେବ ଜୀ ମହାରାଜଙ୍କ ୧୦୨ ତମ ଜୟନ୍ତୀ ସହଯୋଗନଗରଠାରେ ପାଳିତ ହୋଇଯାଇଛି। ଚେନ୍ନାଇରୁ ଆଗତ ସନ୍ଥ ନରେଶ ଅଗ୍ରୱାଲଙ୍କ ପୌରୋହିତ୍ୟରେ ଯଜ୍ଞ ହୋଇଥିଲା। ଅନାମିକା ପଣ୍ଡା ଓ ସଞ୍ଜୟ କୁମାର ପଣ୍ଡା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଖବରଦାତା ହେମନ୍ତ କୁମାର ମହାପାତ୍ର ଧ୍ୱଜା ରୋହଣ କରିଥିଲେ। ପରେ ଏପ୍ରିଲ ୧୭ ଓ ୧୮ରେ ସମ୍ବଲପୁରଠାରେ ହେବାକୁ ଥିବା ୫୫୧ କୁଣ୍ଡିୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଓ ବିହଙ୍ଗମ ଯୋଗ ସମାରୋହ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ସମ୍ବଲପୁର, ଝାରସୁଗୁଡ଼ା ଓ ବ୍ରଜରାଜନଗର ଅଞ୍ଚଳର ଭକ୍ତମାନେ ସାମିଲ ଥିଲେ।

# ବିନା ଭକ୍ତରେ ଉଠିଲା ମହାଦୀପ

## କଟକଣା ମଧ୍ୟରେ ମହାଶିବରାତ୍ରି

ସମ୍ବଲପୁର,୧୧।୩(ବ୍ୟୁରୋ)

ଗୁରୁବାର ପବିତ୍ର ଶିବରାତ୍ରୀ। ଏହି ଦିନ ଭକ୍ତମାନେ ଉପବାସ ରହି ରାତିରେ ଦୀପ ଜାଳି ଉଜାଗର ରହନ୍ତି। ହେଲେ ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ସମ୍ବଲପୁର ଜିଲାରେ ମହାଶିବରାତ୍ରୀ ପାଳନ କରାଯାଇଛି। ସମ୍ବଲପୁର ସହର ବାଲିବନ୍ଧାର ସୋମନାଥ ବାବା ମନ୍ଦିର, ବୁଢାରଜା ମହାଦେବ, ଗୁଡେଶ୍ୱର ବାବା, ପ୍ରସିଦ୍ଧ ବକ୍ର ହୁମା ବିମଳେଶ୍ୱର ବାବାଙ୍କ ମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିଲା। ମହାଦେବଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଯାଇଥିଲେ ମଧ ମନ୍ଦିର ଟ୍ରଷ୍ଟ, ପ୍ରଶାସନ, ପୋଲିସ ଉପସ୍ଥିତ ରହି ଭକ୍ତମାନଙ୍କୁ ମୁଖ୍ୟ ଗେଟ୍‌ରୁ ଫେରାଇ ଦେଇଥିଲେ। ଅନ୍ୟପକ୍ଷେ ସହର ଉପକଣ୍ଠ ମାନେଶ୍ୱର ମାନଧାତା ଓ ହାତିବାରୀ କନ୍ଥେଶ୍ୱର ବାବାଙ୍କ ପୀଠ ଖୋଲା ରହିଥିଲା। କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ଦିନତମାମ



ଆଲୋକମାଳାରେ ଝଲସୁଛି ହୁମା ବିମଳେଶ୍ୱର ବାବାଙ୍କ ମନ୍ଦିର।

ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯାଇଥିବା ବେଳେ ରାତିରେ ବାରଣ କରାଯାଇଥିଲା। ପ୍ରାୟ ସମସ୍ତ ମନ୍ଦିର ପରିସରରେ ରାତି ଉଜାଗର ରହି ଦୀପ ଜାଳିବା ଉପରେ ରୋକ ଲଗାଯାଇଥିଲା। ମନ୍ଦିର ଟ୍ରଷ୍ଟ ସଦସ୍ୟ, ପୂଜକ, ପଣ୍ଡିତମାନେ ଉପସ୍ଥିତ ରହି ନୀତିକାନ୍ତି ସହ ପୂଜା କରିଥିଲେ। ପର୍ଯ୍ୟାୟକ୍ରମେ ୪ ପ୍ରହର ଅଭିଷେକ କରାଯାଇଥିଲା। ଭୋର ୪ଟା ପରେ ବିଭିନ୍ନ ମନ୍ଦିରରେ ବିନା ଭକ୍ତରେ ମହାଦୀପ ଉଠିଥିବା କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। କଟକଣା ଯୋଗୁ ମନ୍ଦିର ସମ୍ମୁଖରେ କେତେକ ଭକ୍ତ ଜାଗର ଜାଳି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ମାନେଶ୍ୱର ମାନଧାତା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭକ୍ତଙ୍କ ପାଇଁ ସାମୂହିକ ଦୀପ ପ୍ରଜ୍ୱଳନ ବ୍ୟବସ୍ଥା ହୋଇଥିଲା। ଭକ୍ତଙ୍କ ଅନୁପସ୍ଥିତିରେ ତାଙ୍କ ଦୀପ ଜଳାଯାଇଥିଲା। ଅନ୍ୟପଟେ କୋଭିଡ୍ ପାଇଁ ବିମଳେଶ୍ୱରଙ୍କ ପୀଠ ହୁମାଠାରେ ହେଉଥିବା ୭ ଦିନିଆ ମେଳାକୁ ମନ୍ଦିର ଟ୍ରଷ୍ଟ ଓ ମାନେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି।

# ବାଲୁଙ୍କେଶ୍ୱର ପୀଠରେ ଯୁଗଳମୂର୍ତ୍ତି ଦର୍ଶନ

ସମ୍ବଲପୁର, ୧୧।୩ (ବ୍ୟୁରୋ)



ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀ ମହାଶିବରାତ୍ରି ତିଥିରେ ଗୁରୁବାର ଯୁଗଳମୂର୍ତ୍ତି ଦର୍ଶନ ଦେଇଛନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିବା ଦେବଦମ୍ପତିଙ୍କ ବେଶ ମନଲୋଭା ଥିଲା। କିନ୍ତୁ କରୋନା କଟକଣା ଯୋଗୁ ଭକ୍ତମାନେ ଶିବପାର୍ବତୀଙ୍କୁ ଆରାଧନା କରିବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଦୂରରୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରସ୍ଥ ସ୍ୱତନ୍ତ୍ର ମଣ୍ଡପରେ ଶିବ ପାର୍ବତୀଙ୍କୁ ଉପବିଷ୍ଟ କରାଯାଇଥିଲା। ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତମାନେ ଦେବଦମ୍ପତିଙ୍କୁ ବେଶ କରାଇଥିଲେ। ଏଥିରେ ଚକ୍ରଧର ମିଶ୍ର, ନିଗମାନନ୍ଦ ମିଶ୍ର, ପ୍ରଫୁଲ୍ଲ ହୋତା, ସନତ ନନ୍ଦ, ଶିବଶଙ୍କର ମିଶ୍ର, ଅରୁଣ ମିଶ୍ର, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ମିଶ୍ର ସାମିଲ ଥିଲେ। ସମୀରରଞ୍ଜନ ବାବୁ, ବିଚିତ୍ରାନନ୍ଦ ମିଶ୍ର ଓ ଅମୂଲ୍ୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ ପହରା ମଧ୍ୟରେ ଜାଗରଯାତ୍ରା

## ଐତିହାସିକ ଶୈବପୀଠ କୋଇଲି ଘୋଘର ଖାଁ ଖାଁ

ଝାରସୁଗୁଡ଼ା ଅଫିସ୍,୧୧।୩

ଝାରସୁଗୁଡ଼ା ଜିଲାର ବିଭିନ୍ନ ଶୈବପୀଠରେ କୋଭିଡ୍ ନିର୍ଦ୍ଦେଶନାମା ପାଳନ କରି ମହାଶିବରାତ୍ରୀ ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପ୍ରତ୍ୟେକ ପୀଠରେ ପୋଲିସ ମୁତୟନ ହୋଇଥିଲେ। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଆୟୋଜକ ମନ୍ଦିର କମିଟି ଉପସ୍ଥିତ ରହି ଏହାର ତଦାରଖ କରିଥିଲେ। ପ୍ରତ୍ୟେକ ମନ୍ଦିରରେ ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଛିଡାହୋଇ ପୂଜାର୍ଚ୍ଚନା କରିଥିଲେ। ପ୍ରଶାସନର ନିର୍ଦ୍ଦେଶନାମା ଅନୁଯାୟୀ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ଜାଗର ଜାଳିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଆୟୋଜକ ମନ୍ଦିର କମିଟି ତରଫରୁ



କୋଇଲି ଘୋଘର ଶୈବପୀଠ ।

ରାତି ୧୨ଟାରେ ମହାଦୀପ ଉଠିଥିଲା। ଲଖନପୁର ବ୍ଲକ୍‌ର ଐତିହାସିକ କୋଇଲି ଘୋଘର ପୀଠ ଖାଁ ଖାଁ ଲାଗିଥିଲା। ସିଂହାରପୁର, ସେମିଲିଆ, ଇବ୍‌ଥର୍ମାଲ, ବନ୍ଧବାହଲ, ତେଲେନପାଲି, ପିପିଲିକାନୀ, ତିଲିଆ, ଅଡାପଡା, ବେଲପାହାଡ, ବ୍ରଜରାଜନଗର ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଝାରସୁଗୁଡାର ଝାଡେଶ୍ୱର ମନ୍ଦିର ଓ ପାହାଡି ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ପୂଜାର୍ଚ୍ଚନା କରିଥିଲେ। ଝାଡେଶ୍ୱର ମନ୍ଦିର ବିକାଶ ପରିଷଦ ସଭାପତି ସଦାନନ୍ଦ ଦାସ, ସମ୍ପାଦକ ସରୋଜ ପଣ୍ଡା, ଅରୁଣ ଚଇନି, କୋଇଲି ଘୋଘର ବିକାଶ ପରିଷଦ ସଭାପତି ପ୍ରସନ୍ନ ପ୍ରଧାନ, ସମ୍ପାଦକ ନିର୍ମଳ ପ୍ରଧାନ, ଉପସଭାପତି ଉତ୍ତମ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। କୋଇଲି ଘୋଘର ଶୈବପୀଠରେ ପ୍ରତିବର୍ଷ ଛତିଶଗଡ, ପଡୋଶୀ ଜିଲା ସୁନ୍ଦରଗଡ, ବରଗଡ,ସମ୍ବଲପୁର, କେନ୍ଦୁଝର ଆଦି ଜିଲାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ରେଙ୍ଗାଲି ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୩ଜଣ ପୋଲିସ ଅଫିସର, ୧ ସେକ୍ସନ୍ କନଷ୍ଟେବଳ, ୨ସେକ୍ସନ୍ ମହିଳା ଫୋର୍ସ,୨ ସେକ୍ସନ୍ ଓଏସ୍‌ଏପି, ୧ ପ୍ଲାଟୁନ୍ ଏପିଆର୍ ମୁତୟନ ହୋଇଥିଲେ।

# ଶିବ ଦର୍ଶନ ଭବନରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ



ଶିବ ଦର୍ଶନ ଭବନଠାରେ ଅତିଥିମାନଙ୍କୁ ଉପହାର ଦିଆଯାଉଛି।

ସମ୍ବଲପୁର, ୧୧।୩ (ବ୍ୟୁରୋ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୮୫ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଗୁରୁବାର ଶିବ ଦର୍ଶନ ଭବନଠାରେ ପାଳିତ ହୋଇଯାଇଛି। ସକାଳ ୭ଟାରେ ମୁରଲୀ କାର୍ଯ୍ୟକ୍ରମ, ୮ଟାରେ ଧ୍ୱଜା ରୋହଣ କରାଯାଇଥିଲା। ପରେ ବ୍ରହ୍ମକୁମାରୀ ଆରତୀଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ ଏମ୍‌ପି ସୁରେଶ ପୂଜାରୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବରାତ୍ରି ଉପରେ ବକ୍ତବ୍ୟ ରଖିଥିଲେ। ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ଶିବରାତ୍ରିର ମୂଳତତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସୌରଭ କୁମାର ଷଡଙ୍ଗୀ ଶିବ ଭଜନ ଗାନ କରିଥିଲେ।

# ମଣିଷପଣିଆ ଦେଖାଇଲେ ଅଟୋ ଚାଳକ

ବ୍ରଜରାଜନଗର, ୧୧।୩ (ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳର ବସ୍‌ଷ୍ଟାଣ୍ଡ ଠାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରଆସୁଥିବା ଅଟୋ ଚାଳକ ଜିତେନ୍ଦ୍ର ନିଶାଦ (୩୫) ଜଣେ ରେଳ କର୍ମଚାରୀଙ୍କ ପର୍ସ ସହ ନଗଦ ଟଙ୍କା ଓ ଦରକାରୀ କାଗଜପତ୍ର ଫେରାଇ ଚର୍ଚ୍ଚାକୁ ଆସିଛନ୍ତି। ଜିତେନ୍ଦ୍ର ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣମଣ୍ଡପ ରାସ୍ତା ପାଖରୁ ଏକ ପର୍ସ ପାଇଥିଲେ। ଏଥିରେ ୨୫ ଶହ ଟଙ୍କା ସହ ଏଟିଏମ୍, ଆଧାର, ପ୍ୟାନ୍ କାର୍ଡ ଆଦି ରହିଥିଲା। ତୁରନ୍ତ ଜିତେନ୍ଦ୍ର ରେଳ ଷ୍ଟେଶନ ଯାଇ ସେଠାରେ ପର୍ସ ଦେଖାଇଥିଲେ। ପରେ ଏହା ରେଳ କର୍ମଚାରୀ ଉମାକାନ୍ତ କୁମାରଙ୍କର ବୋଲି ଜଣାପଡିଥିଲା। ଗୁରୁବାର ସକାଳେ ଉମାକାନ୍ତଙ୍କୁ ଡକାଇ ଜିତେନ୍ଦ୍ର ତାଙ୍କ ପର୍ସ ଫେରାଇଛନ୍ତି। ୨ବର୍ଷ ପୂର୍ବେ ଏହିପରି ଏକ ଘଟଣାରେ ଜିତେନ୍ଦ୍ର ରାଜାମୋହନ ରାସ୍ତାରୁ ୨୦ ହଜାର ଟଙ୍କା ଭର୍ତ୍ତି ବ୍ୟାଗ ପାଇ ଫେରାଇଥିଲେ। ତାଙ୍କର ଏପରି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରିଛନ୍ତି।

# ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ଅଫିସ,୧୧।୩

ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ବୁଧବାର ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହଜନିତ ସମସ୍ୟା ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାମଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲିଲି କୁମାରୀ କୁଲ୍ଲୁ, ଉପଜିଲାପାଳ ଶିବ ଟପ୍ପୋ, ବିଡିଓ, ତହସିଲଦାରଙ୍କ ସମେତ ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା ଓ ବିଧାୟକ ପ୍ରତିନିଧି ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଲୋକମାନେ କିପରି ପାନୀୟଜଳ ସୁବିଧାରେ ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା, ନଳକୂପ ମରାମତି, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରେ ଓଆରଏସ୍ ମହଜୁଦ ରଖିବା, ଅଂଶୁଘାତଜନିତ ମୃତ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା, ଜିଲା ମୁଖ୍ୟ ଚିକିତ୍ସାଳୟ, ସିଏଚ୍‌ସି, ପିଏଚ୍‌ସି, ବ୍ଲକ, ତହସିଲ ଓ ପୌରାଞ୍ଚଳରେ କଣ୍ଟ୍ରୋଲ ରୁମ୍ ଖୋଲିବା, ବିଦ୍ୟୁତ୍ ସେବାକୁ ସ୍ୱାଭାବିକ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଗ୍ରାମରେ ବୁଲିଲା ସଚେତନତା ରଥ

## ନିଆଁ ରୋକିବାକୁ ବନ ବିଭାଗର ପଦକ୍ଷେପ

ଝାରସୁଗୁଡ଼ା ଅଫିସ,୧୧।୩

ଝାରସୁଗୁଡ଼ା ବନ ବିଭାଗ ନିର୍ଦ୍ଦେଶକ୍ରମେ ବେଲପାହାଡ ରେଞ୍ଜ ତରଫରୁ ବୁଧବାର ଜଙ୍ଗଲରେ ନିଆଁ ନ ଲଗାଇବା ସମ୍ପର୍କରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଗ୍ରୀଣ୍ଡୋଲା, ଚେଣ୍ଡେଲବାହାଲ, ରିଶବାହାଲ, କର୍ଲାଖମନ, ମଦପାନୀ, ପଟୁଯୋର ଓ କଣ୍ଟାଟିକ୍ରା ଆଦି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଗ୍ରାମ୍ୟ ବନ ସୁରକ୍ଷା ସମିତି କର୍ମକର୍ତ୍ତା ସାମିଲ ହୋଇ ବ୍ୟାନର ପୋଷ୍ଟର ଲୋକଙ୍କୁ ସଚେତନ କରିଥିଲେ । ଏହି ଅଭିଯାନ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଆରମ୍ଭ ହୋଇଛି । ଏହା ପ୍ରତ୍ୟେକ ଗ୍ରାମରେ କରାଯିବ ବୋଲି ବେଲପାହାଡ ରେଞ୍ଜର ସୁବାସ ମହାପାତ୍ରଙ୍କ ସୂତ୍ରରୁ ଜଣାପଡିଛି। କାର୍ଯ୍ୟକ୍ରମରେ ବେଲପାହାଡ ରେଞ୍ଜର ମହାପାତ୍ର, ଫରେଷ୍ଟର ପ୍ରଦୀପ ନାୟକ, ଏଏଫ୍‌ଏମ୍‌ୟୁ ଅଶୋକ ଦେବ, ସରୋଜ ନାୟକ, ମୁନି କୁମାରୀ ଦାସ, ବିଶ୍ୱ ବେହେରା ପ୍ରମୁଖ ବନ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ ।

# ଆଉଜଣେ ଅଭିଯୁକ୍ତ ଗିରଫ

## ନାବାଳିକା ବଳାତ୍କାର ଘଟଣା

ସମ୍ବଲପୁର, ୧୧।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିଲା। ଏହି ଘଟଣାରେ ପୋଲିସ ସାହାସପୁର ପଞ୍ଚାୟତର ନାଏବ ସରପଞ୍ଚ ଅଲୋକ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁବାର କିଶୋର ସେନାପତିଙ୍କୁ ଗିରଫ କରିଥିବା ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ କହିଛନ୍ତି। ସେ କହିଛନ୍ତି, ଟାଉନ ଥାନା ଅର୍ନ୍ତଗତ ଏନଗୁହାଲେନ ନିବାସୀ କିଶୋରଙ୍କ ଧୁତୁରାପଡାରେ ଏସ. କୁମାର ନାମକ ବୁଟିକ୍ ରହିଛି। ବୁଟିକ୍ ଦୋକାନ ନିକଟ କୋଠାରେ ସେ ସିଲେଇ ତାଲିମ କେନ୍ଦ୍ର ଖୋଲିଥିଲେ। ସେଠାରେ ବିଭିନ୍ନ ସ୍ଥାନରୁ ଯୁବତୀ ତାଲିମ ନିଅନ୍ତି। ଘଟଣା ଦିନ ନାବାଳିକା ଗ୍ରାମର ଜଣେ ମହିଳାଙ୍କ ସହ ସେଠାକୁ ଯାଇଥିଲେ। ଏହି ସମୟରେ ଆଲୋକ ପହଞ୍ଚି ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ବୟାନକୁ ଆଧାର କରି ବୁଟିକ ମାଲିକ କିଶୋରଙ୍କୁ ଗିରଫ କରାଯାଇଛି। ଆଉ ଜଣେ ମହିଳା ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଭୋଇ କହିଛନ୍ତି ।

# ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଧାରଣା ଘଟଣା: ପ୍ରେମିକ ଗିରଫ

ଦେବଗଡ଼,୧୧।୩(ଡି.ଏନ.ଏ)

ପ୍ରେମ ଓ ଶାରିରୀକ ସମ୍ପର୍କ ପରେ ପ୍ରତାରଣା ଅଭିଯୋଗରେ ବାରକୋଟ ଥାନା ପୋଲିସ ଗୁରୁବାର ମଧୁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଚୌଧୁରୀ ସେଠୀ(୨୪) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଖବରମୁତାବକ ରଘୁନାଥପୁର ଗ୍ରାମର ଚୌଧୁରୀଙ୍କ ସହ ତାଙ୍କ ଗ୍ରାମର ଜଣେ ଯୁବତୀଙ୍କର ପ୍ରେମ ସମ୍ପର୍କ ହୋଇଥିଲା। ଏହି କ୍ରମରେ ପ୍ରାୟ ୪ ବର୍ଷ ପୂର୍ବେ ଏକ ନିର୍ଦ୍ଦିଷ୍ଟ ଘଟଣାରେ ପ୍ରେମିକ ଚୌଧୁରୀଙ୍କୁ ପ୍ରେମିକାଙ୍କ ପରିବାର ଲୋକେ ଧରି ବାରକୋଟ ଥାନା ପୋଲିସରେ ଜିମା ଦେଇଥିଲେ । ତେବେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହେବାରୁ ଉଭୟେ ନିଜ ଘରେ ରହିଥିଲେ। ଏହାସତ୍ତ୍ୱେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଅତୁଟ ରହିଥିଲା। ତେବେ ଚୌଧୁରୀଙ୍କୁ ଅନ୍ୟତ୍ର ବିବାହ ପାଇଁ ତା'ର ପରିବାର ଲୋକେ ନିର୍ବନ୍ଧ ପାଇଁ ବୁଧବାର ଧାର୍ଯ୍ୟ କରିଥିବାବେଳେ କୌଣସି ସୂତ୍ରରୁ ସୂଚନାପାଇ ୮ ତାରିଖ ରାତିରେ ପ୍ରେମିକା ଜଣକ ଚୌଧୁରୀଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଘଟଣାର ସମାଧାନ ନିମନ୍ତେ ୯ ତାରିଖ ସନ୍ଧ୍ୟାରେ ଉଭୟ ଚୌଧୁରୀ ଓ ପ୍ରେମିକାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କର ଏକ ବୈଠକ ବସିଥିଲେ ହେଁ କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ବୁଧବାର ଯୁବତୀଙ୍କ ପକ୍ଷରୁ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତ ପ୍ରେମିକ ଚୌଧୁରୀଙ୍କ ବିରୋଧରେ ବଳାତ୍କାର ସମେତ ବିଭିନ୍ନ ମାମଲା ରୁଜୁ କରିବା ସହ ଗୁରୁବାର ତାକୁ ଗିରଫ କରିଛି।

# ସାଟେଲାଇଟ ଚିତ୍ର: ୪୯ ସ୍ଥାନରେ ନିଆଁ

ସମ୍ବଲପୁର, ୧୧।୩ (ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ବନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମୋଟ ୪୯ ସ୍ଥାନରେ ନିଆଁ ଲାଗିଛି। ସାଟେଲାଇଟ ଚିତ୍ରରେ ଏହା ସ୍ପଷ୍ଟ ଭାବେ ଜଣାପଡିଛି। ନିଆଁ ଆୟତ୍ତ କରିବା ପାଇଁ ୩୫ ୟୁନିଟ୍ ଗଠନ କରାଯାଇଛି। ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜରେ ୩ଟି ସ୍ଥାନ, ପଡିଆବାହାଲ ରେଞ୍ଜରେ ୫, ରେଙ୍ଗାଲି ରେଞ୍ଜରେ ୨୩, ସଦର ରେଞ୍ଜରେ ୧୮ ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ରହିଛି । ସେହିପରି ଟାଉନ ରେଞ୍ଜ ଅଧୀନରେ ଥିବା ବୁଢ଼ାରଜା ପାହାଡରେ ଗତକାଲି ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ଅନ୍ୟପକ୍ଷେ



ଗ୍ରାମବାସୀ ଶପଥ ଗ୍ରହଣ କରୁଛନ୍ତି ।

ନିଆଁ ଦାଉରୁ ରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଜରୁରିକାଳୀନ ଟୋଲଫ୍ରି ନମ୍ବର ଦିଆଯାଇଛି। କୌଣସି ସ୍ଥାନରେ ନିଆଁ ଲାଗିଥିବା ଜଣାପଡିଲେ ସଙ୍ଗେ ସଙ୍ଗେ ବନ ବିଭାଗ କର୍ମଚାରୀ କିମ୍ବା ଟୋଲଫ୍ରି ନମ୍ବରକୁ ଫୋନ କରି ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ସୁରକ୍ଷିତ ରହିବାକୁ ହେଲେ ସମସ୍ତଙ୍କ ସହଯୋଗ ଲୋଡିଛି ବନ ବିଭାଗ। ଏହାସହ ବନ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନ ସଭା ସହ ଗ୍ରାମବାସୀଙ୍କୁ ଶପଥ ପାଠ କରାଯାଉଛି।

# ଅଙ୍ଗନୱାଡି କର୍ମୀଙ୍କ ବଦଳି ଦାବି

## କରୋନା ସମ୍ପର୍କରେ ଖବର ଜଣାଇ ଆକ୍ରୋଶର ଶିକାର

ବ୍ରଜରାଜନଗର, ୧୧।୩ (ଡି.ଏନ.ଏ.)

ବ୍ରଜରାଜନଗର ଅଞ୍ଚଳ ଲୋଇସିଂ ପଞ୍ଚାୟତ ନିକ୍ରିମାଲ ଗ୍ରାମର ଜଣେ ଅଙ୍ଗନୱାଡି କର୍ମୀ କରୋନା ସମ୍ପର୍କରେ ଖବର ଜଣାଇ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ବଦଳି ସହିତ ଚାକିରିରୁ ବହିଷ୍କାର କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେ ହେଲେ ଭବାନୀ ନାଏକ (୫୧)। ଅତିରିକ୍ତ ଜିଲାପାଳ ରୁରାଲ ସିଡିପିଓଙ୍କ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ୭ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଅଙ୍ଗନୱାଡି କର୍ମୀ ନାଏକଙ୍କୁ ନୋଟିସ କରିଛନ୍ତି। ତା' ସହିତ ନିକଟସ୍ଥ ତିଲେଇମାଲ ଗ୍ରାମର ଅଙ୍ଗନୱାଡି କର୍ମୀ ରୀନା ଦଣ୍ଡସେନାଙ୍କୁ ନିକ୍ରିମାଲ ସେଣ୍ଟର ଦାୟିତ୍ୱ ଦେଇଛନ୍ତି। ଏ ସମ୍ବନ୍ଧରେ ଅଙ୍ଗନୱାଡି କର୍ମୀ ଭବାନୀ ନାଏକ କହନ୍ତି, ସେ ଉକ୍ତ ଗ୍ରାମର ଝିଅ ହୋଇ ୧୯୯୩ ମସିହାରୁ ଦୀର୍ଘ ୨୮ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନାମରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ନ ଥିଲା। ଗତମାସ ୨୬ ତାରିଖରେ ଉକ୍ତ ଗ୍ରାମରେ ୮୦ ଜଣଙ୍କର କରୋନା ଟେଷ୍ଟ କରାଯାଇଥିଲା। ତନ୍ମଧ୍ୟରୁ ୧୦ ଜଣଙ୍କର କରୋନା ପଜିଟିଭ ବାହାରିଥିଲା। ଜିଲା ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ ହୋଇଥିଲା। ଗ୍ରାମରେ ବିବାହ କି ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ହୋଇ ନ ଥିବା ଗ୍ରାମବାସୀ ଜିଲା ପ୍ରଶାସନକୁ କହିଥିଲେ। ତେବେ ସ୍ଥାନୀୟ ତହସିଲଦାର ଦିଲୀପ ପ୍ରଧାନ ଫୋନ ଯୋଗେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଅଙ୍ଗନୱାଡି କର୍ମୀ ଭବାନୀ ନାଏକଙ୍କୁ ପଚାରିଥିଲେ। ଉକ୍ତ ଗ୍ରାମରେ ସେହି ସମୟରେ ଦୁଇ ଗୋଟି ବିବାହ ଅନୁଷ୍ଠିତ ହୋଇଥିଲା। ଗୋଟିଏ ବିବାହରେ ଛତିଶଗଡରୁ ଓ ଅନ୍ୟ ବାହାଘରରେ ପୁରୀର କେତେଜଣ ଯୁବକ ସାମିଲ ହୋଇଥିବା ଖବର ଜଣାଇଥିଲେ। ଏହି କାରଣରୁ ତାଙ୍କ ଉପରେ ଆକ୍ରୋଶ ରଖି ଗ୍ରାମବାସୀ ତାଙ୍କର ବଦଳି ଦାବି କରିଥିବା କର୍ମୀ ଜଣକ ପ୍ରକାଶ କରିଛନ୍ତି। ଅନ୍ୟପଟରେ ରୁରାଲ ସିଡିପିଓ ସୁପ୍ରଭା ମହାପାତ୍ର ଘଟଣାର ତଦନ୍ତ କରିବା ସହିତ କାରଣ ଦର୍ଶାଅ ନୋଟିସରେ ଭବାନୀ ନାଏକ ଏକଥା ପ୍ରକାଶ କରିଥିବା କହିଛନ୍ତି। ତେବେ ପୂର୍ବରୁ ତାଙ୍କ ନାମରେ କୌଣସି ଅନିୟମିତତା ଅଭିଯୋଗ ନ ଥିଲା। ଗ୍ରାମବାସୀ ଦାବି କରିଥିବାରୁ ସେଥିପାଇଁ ତାଙ୍କୁ ୨ ମାସ କାର୍ଯ୍ୟରୁ ଅନ୍ତର କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିପିଓ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୨ ମାର୍ଚ୍ଚ, ୨୦୨୧



## ଅଟୋ ଦୁର୍ଘଟଣାଗ୍ରସ୍ତ: ୧୦ଯାତ୍ରୀ ଆହତ

ଅମରପାଲି,(ଡି.ଏନ.ଏ): ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ଦୁର୍ଜନଟୈଲା ନିକଟରେ ଗୁରୁବାର ଏକ ନମ୍ବର ବିହୀନ ଅଟୋ ଦୁର୍ଘଟଣା ଘଟିଛି। ଏଥିରେ ୮ଜଣ ଆହତ ହୋଇଥିବା ବେଳେ ଦୁଇଜଣ ଗୁରୁତର ଅଛନ୍ତି। ଗୁରୁତର ଦୁଷ୍ମନ୍ତ ଜଗଦଲା (୩) ଓ ସୁମତି ଜଗଦଲାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୂର୍ବାହ୍ନ ୧୦ଟାରେ କୁଞ୍ଜାପାଲିରୁ ଏକ ଅଟୋ ଯୋଗେ ଛୋଟ ପିଲା ସହ ମୋଟ ୧୭ଜଣ ବିଶାଳପାଲିକୁ ଏକ ଅନ୍ନପ୍ରାସନ କାର୍ଯ୍ୟକ୍ରମକୁ ଯାଉଥିଲେ। ଦୁର୍ଘଟଣା ପରେ ଆହତମାନଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଘଟଣାସ୍ଥଳରୁ ଅଟୋ ଚାଳକ ଫେରାର ହୋଇଯାଇଛନ୍ତି। ଠେଙ୍ଗୋ ଡ୍ୟାମ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିଛି ।

**ସଂକ୍ଷେପରେ**

## କିଶୋରୀ କିଶୋର ଶିକ୍ଷା କାର୍ଯ୍ୟକ୍ରମ

**ଜହ୍ନାପଙ୍କ, ୧୧।୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡିଆଲି ଗ୍ରାମରେ ୱାଇସିଡିଏ ପକ୍ଷରୁ ଜୀବନ କୌଶଳ ଭିତ୍ତିକ କିଶୋରୀ କିଶୋର ଶିକ୍ଷା ଶିକ୍ଷଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେଲିବନ୍ଧ ହାଇସ୍କୁଲର ସହକାରୀ ଶିକ୍ଷକ ଶମ୍ଭୁ ଗିରି ମୁଖ୍ୟଅତିଥି, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର, ୱାର୍ଡ ସଭ୍ୟ ଶେଷଦେବ ପଣ୍ଡା, ଚନ୍ଦନ ପଣ୍ଡା ଓ ଆଶା କର୍ମୀ ମାଧୁରୀ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ, ନିଶା ନିବାରଣ, କିଶୋରୀ କିଶୋରମାନଙ୍କ ପାଇଁ ଥିବା ସରକାରୀ ଯୋଜନା, ସୁଷମ ଖାଦ୍ୟ, ପରିଷ୍କାର ପରିଚ୍ଛନ୍ନତା, ସ୍ଥାୟୀ ସ୍ୱାସ୍ଥ୍ୟଶିବିର, ସ୍କୁଲରେ ସ୍ୱତନ୍ତ୍ର ଶୌଚାଳୟ ଓ କମନ ରୁମ୍ କରିବା ଉପରେ ବକ୍ତବ୍ୟ ରଖିଥିଲେ। କର୍ମୀ ଅନିତା ଭୋଇ ସ୍ୱାଗତ ଭାଷଣ ଏବଂ ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ୱାଇସିଡିଏର କ୍ଷେତ୍ର କର୍ମଚାରୀ ମହେଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୮୪ ଜଣ କିଶୋରୀ କିଶୋର ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ଖପ୍ରାଖୋଲ, ୧୧।୩(ଡି.ଏନ.ଏ):** ଖପ୍ରାଖୋଲ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଭବିଷ୍ୟନିଧି ପାଣ୍ଠିରୁ ଋଣ ଓ ରିକଭରି ଟଙ୍କା ଫେରସ୍ତ ଦାବିରେ ବଡଗୁର୍ଜିଭଟା ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ସାହୁ କରିଥିବା ଆମରଣ ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଯୋଗୁଁ ପୋଲିସ୍ ଏସ.ଆଇ ପଞ୍ଚାନନ ନେଗୀ ଓ ଏବିଇଓ ମିନିକେତନ ବରିହା ଅନଶନରତ ସାହୁଙ୍କୁ ବୁଝାସୁଝା କଲା ପରେ ୬ ଦିନ ପାଇଁ ଅନଶନ ପ୍ରତ୍ୟାହୃତ କରିବାକୁ ରାଜି ହୋଇଥିଲେ । ଏବିଇଓ ବରିହା ଫଳ ରସ ଦେଇ ଅନଶନ ଭାଙ୍ଗିଥିଲେ ।

## ବିନା ଭକ୍ତରେ ହରିଶଙ୍କରରେ ମହାଶିବ ରାତ୍ରି ପାଳିତ

**ଖପ୍ରାଖୋଲ, ୧୧।୩(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ କୋଭିଡ କଟକଣା ଯୋଗୁଁ ବିନା ଭକ୍ତରେ ଶିବରାତ୍ରି ପାଳିତ ହୋଇଛି। ମନ୍ଦିରରେ ସେବାୟତଙ୍କ ଦ୍ୱାରା ପୂଜାପାଠ ହୋଇଥିବାବେଳେ କୌଣସି ଭକ୍ତଙ୍କୁ ଦର୍ଶନ ପାଇଁ ଛଡା ଯାଇ ନ ଥିଲା । ଦୂର ଦୂରାନ୍ତରରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ନ ପାଇ ନିରାଶ ହୋଇ ଫେରିଥିଲେ। ଅନେକ ପାପନାଶିନି ଝରଣାରେ ସ୍ନାନ କରି ମନ୍ଦିର ବେଢା ସମ୍ମୁଖରେ ବେଲପତ୍ର, ନଡିଆ ଭାଙ୍ଗି ପୂଜା କରିଥିଲେ। ଖପ୍ରାଖୋଲ ତହସିଲଦାର ଧିରୋଜ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଝରଣା ପାଖରୁ ଜନସମାଗମ ବନ୍ଦ କରି ବାହାରକୁ ବାହାର କରି ଦେଇଥିଲେ । ଏହି ଅବସରରେ ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା, ଖପ୍ରାଖୋଲ ଥାନା ଅଧିକାରୀ ପଞ୍ଚାନନ ନେଗୀ ସହ ପୋଲିସ୍ ବଳ ସହ ଉପସ୍ଥିତ ଥିଲେ । ସକାଳୁ ପାଟଣାଗଡ ଏସଡିପିଓ ସୁରେଶ ନାଏକ ହରିଶଙ୍କରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ରାତି ୧୨ଟାରେ ମହାଦୀପ ଉଠିଥିବା ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରକାଶ କରିଛନ୍ତି।

## ଜଳ ସଂରକ୍ଷଣ ଉପରେ ସଚେତନତା

**ବିନିକା, ୧୧।୩(ଡି.ଏନ୍.ଏ.):** ନେହେରୁ ଯୁବକେନ୍ଦ୍ର ସୋନପୁର ଆନୁକୂଲ୍ୟରେ ବିନିକା ବ୍ଲକ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟ ବାଉଁଶୁଣୀଠାରେ ଜଳ ସଂରକ୍ଷଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳ ମନ୍ତ୍ରଣାଳୟ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ବନବିହାରୀ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସରୋଜ କୁମାର ସାହୁ, ଅଧାପକ ଶିବଦତ୍ତ ପଣ୍ଡା, ଶାନ୍ତନୁ ସାହୁ, ବଶ୍ୱେଶ୍ୱର ଗୁରୁ, ରାଜେଶ ପଟ୍ଟନାୟକ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଜଳଭିତ୍ତିକ ବିଷୟବସ୍ତୁ ଉପରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ମମତା ମେହେର ପ୍ରଥମ, ପ୍ରାଚୀମୟୀ ହୋତା ଦ୍ୱିତୀୟ ଓ ଗୀତିକା ନାୟକ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ ।

# ଇକୋ ପାର୍କ ତଦାରଖ କଲେ ମୁଖ୍ୟ ଶାସନ ସଚିବ

**ନୂଆପଡା ଅଫିସ, ୧୧।୩**

- ପତୋରା ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା ଅତିଶୀଘ୍ର
- ଶିଶୁଙ୍କ ମନୋରଞ୍ଜନ ପାଇଁ ଖେଳିବା ସାମଗ୍ରୀ, ଦୋଳି


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପରିଦର୍ଶନ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନୂଆପଡା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶଳାନ୍ୟାସ କରିଚାଲିଯାଇଥିବା ବେଳେ ବାକି ରହିଥିବା ପ୍ରକଳ୍ପକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପରିଦର୍ଶନ କରିଛନ୍ତି। ଗୁରୁବାର ନୂଆପଡା ସଦର ବ୍ଲକ ପତୋରାଠାରେ ନବନିର୍ମିତ ଇକୋ ପାର୍କ ଯାଇ ତଦାରଖ କରିବା ସହ ଅଧିକାରୀ, କର୍ମଚାରୀ ଓ ଇକୋ ପାର୍କ କମିଟି ସହ ଆଲୋଚନା କରି ଫେରିଛନ୍ତି। ଆଗାମୀ ଦିନରେ ଏହାକୁ ଜନସାଧାରଣ ଲୋକଙ୍କ ପାଇଁ ଆହୁରି ମନଲୋଭା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହିତ ଜଳ ସମ୍ପଦ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗୀୟ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ଓ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର ଏବଂ ବନ୍ୟପ୍ରାଣୀ ବିଭାଗ ଅଧିକାରୀ ରମେଶ ପ୍ରଧାନ ଉପସ୍ଥିତ ଥିଲେ। ପତୋରାସ୍ଥିତ ଯୋଗେଶ୍ୱର ମନ୍ଦିର ତଳେ ପତୋରା ଡ୍ୟାମକୁ ଲାଗି ଇକୋ ପାର୍କ ନିର୍ମାଣ ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୯୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସମୟରେ ଶ୍ରଦ୍ଧାଳୁ ଏବଂ ଦର୍ଶକଙ୍କ ଭିଡ ହେଉଥିବା ବେଳେ ରହିବା ପାଇଁ କିଛି ବ୍ୟାବସ୍ଥା ନ ଥିଲା। ଏବେ ତିନି ସ୍ଥାୟୀ କଟେଜ ସହ ଦୁଇ ଅସ୍ଥାୟୀ କଟେଜ କରାଯାଇ ପାର୍କ ଭିତରେ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଖେଳିବା ସାମଗ୍ରୀ, ଦୋଳି ଓ ମନୋରମ ଦୃଶ୍ୟକୁ ଦେଖିବା ପାଇଁ ୱାଚଟାୱାର ବ୍ୟାବସ୍ଥା କରାଯାଇଛି। ଆଗାମୀ ଦିନରେ ପତୋରା ଡ୍ୟାମ ଭିତରେ ବୋଟିଂର ବ୍ୟାବସ୍ଥା ଅତିଶୀଘ୍ର କରାଯିବ ବୋଲି କହିଛନ୍ତି। ଏହାକୁ ସ୍ଥାନୀୟ ବନ କୁଟିର କମିଟି ଦାୟିତ୍ୱରେ ରହି ରକ୍ଷଣବେକ୍ଷଣ ସହ ପର୍ଯ୍ୟଟକଙ୍କ ଦେଖାଶୁଣା ଓ ପାର୍କ ସଫାସୁତୁରା ରଖିବା ପାଇଁ ଧ୍ୟାନ ଦେବେ। ଏହା ଦ୍ୱାରା ଅନେକ ଲୋକ ରୋଜଗାର ମଧ୍ୟ ପାଇ ପାରିବେ ବୋଲି ନୂଆପଡା ବନଖଣ୍ଡ ଅଧିକାରୀ କହିଛନ୍ତି। ଏଠାରେ ରହିବ, ଖାଇବା ପାଇଁ ଶିତତାପ ନିୟନ୍ତ୍ରଣ ବନ କୁଟିର ସାଙ୍ଗକୁ କ୍ୟାଣ୍ଟିନର ମଧ୍ୟ ବ୍ୟବସ୍ଥା ରହିଛି। ଭିତରେ ବୁଲିବା ପାଇଁ ସାଇକେଲ ମଧ୍ୟ ରଖାଯାଇଛି।

## ଯୋଗାସନ, ପ୍ରବଚନ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୧୧।୩**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ବୁଧବାର ସନ୍ଧ୍ୟାରେ ଯୋଗାସନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ନିରଞ୍ଜନାନନ୍ଦ ଯୋଗ ସଂସ୍ଥାନର ସ୍ୱାମିଜୀ ଯୋଗଦାନ କରି ପ୍ରବଚନ ସହିତ ଯୋଗାସନର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ, ଏକାଡ଼େମିକ କୋର୍ଡ଼ିନେଟର ସୀମା ସାହୁ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ।


ସ୍ୱାମିଜୀ ପ୍ରବଚନ ଦେଉଛନ୍ତି ।

## ବିକାଶରେ ଅଭ୍ୟୁଦୟ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୧୦।୩**

ବରଗଡ଼ ବିକାଶ ନର୍ସିଂ କଲେଜର ବିଏସ୍‌ସି ଏବଂ ଏଏନ୍‌ଏମ୍ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ ମଙ୍ଗଳବାରଠାରୁ ଇଣ୍ଡକ୍ସନ ଆଣ୍ଡ୍ ଓରିଏଣ୍ଟେଶନ କାର୍ଯ୍ୟକ୍ରମ 'ଅଭ୍ୟୁଦୟ' ଉଦଘାଟିତ ହୋଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଉଦଘାଟନୀ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରମଖ ଯୋଗଦେଇ ସମାଜରେ ନର୍ସିଂ ଶିକ୍ଷା ଏବଂ ସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ବିକାଶ ଅନୁଷ୍ଠାନର ଏହି ପାଠ୍ୟକ୍ରମ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶା ପାଇଁ ବରଦାନ ସଦୃଶ ହେବ ବୋଲି କହିଥିଲେ। ବିକାଶ ନର୍ସିଂ କଲେଜ, ବରଗଡ଼ ଓ ଭବାନୀପାଟଣା ଶାଖାର ଉପାଧ୍ୟକ୍ଷା, ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ନର୍ସିଂ ବିଭାଗୀୟ ମୁଖ୍ୟ, ସମସ୍ତ ଶାଖାର ଅଧ୍ୟକ୍ଷ, ଆଡ଼ମିନିଷ୍ଟ୍ରେଟର ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ୍ କଟକଣାରେ ମହାଶିବରାତ୍ରି

**ବରଗଡ଼ ଅଫିସ୍, ୧୧।୩**

ବରଗଡ଼ ଜିଲାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳି ନ ଥିଲା। ଅମ୍ବାଭୋନାର କେଦାରନାଥ, ନୀଳଜୀର ନୀଳକଣ୍ଠେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ଦେଓଗାଁର ବୈଦ୍ୟନାଥ, ସରଣ୍ଡାର ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ସମେତ ଅନ୍ୟ ଶୈବପୀଠରେ ଏହା ପାଳିତ ହୋଇଥିଲା। ନୃସିଂହନାଥ ପରିସରସ୍ଥ ଶିବ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲେ ମଧ କୋଭିଡ୍ କଟକଣା ଯୋଗୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳି ନ ଥିଲା ବୋଲି ଆମ ପାଇକମାଳ ପ୍ରତିନିଧି ସୂଚନା ଦେଇଛନ୍ତି ।

**ପଦ୍ମପୁର(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ବିରିପାଲି, ପଦ୍ମପୁର, କଣ୍ଟେଶ୍ୱରପୁର, ଦେବଦର୍ହା, ସରେଇକେଲଶ, ପୁଟୁକା, କୁଲାଣ୍ଟି, ଚର୍ଦାପାଲି, କୋତନା, ଝାରବନ୍ଧ, ଅମଠି ଓ ଅନ୍ୟାନ ଶିବାଳୟରେ ମହାଶିବରାତ୍ରି ପାଳନ କରାଯାଇଛି। କୋଭିଡ କଟକଣା ଯୋଗୁ ପ୍ରଶାସନ ତରଫରୁ ଜନଗହଳିକୁ ବାରଣ କରାଯାଇଥିଲା। ଚଳିତବର୍ଷ କଟକଣାରେ ଠାକୁରଙ୍କ ପୂଜା ହୋଇଛି।

**ଭବାନୀପାଟଣା, (ଡି.ଏନ.ଏ.):** ଭବାନୀପାଟଣା ସହର ଭବାନୀଶଙ୍କର, ଭଣ୍ଡେଶ୍ୱର, ମହାବୀର ପଡାସ୍ଥିତ ଶିବ ମନ୍ଦିର, ଜଳେଶ୍ୱର ମନ୍ଦିର ସମେତ ଜିଲାର ବିଭିନ୍ନ ଶୈବପୀଠରେ ଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଭବାନୀଶଙ୍କର ମନ୍ଦିରରେ ସନ୍ଧ୍ୟା ୬ଟାରେ ମହାଦୀପ ଉଠିଥିଲା ଓ ମଧରାତ୍ରିରେ ହରିହରଭେଟ ଅନୁଷ୍ଠିତ ହୋଇଥିଲା। ହରିହର ଭେଟ ଦର୍ଶନ କରିବା ପାଇଁ କୋଭିଡ୍ କଟକଣା ଅନୁଯାୟୀ ଭକ୍ତଙ୍କୁ ଦର୍ଶନ ଅନୁମତି ଦିଆଯାଇଥିଲା। ସେହିପରି ଜଳେଶ୍ୱର ମନ୍ଦିରରେ ରାତି ୧୨ଟାରେ ମହାଦୀପ ଉଠିଥିଲା। ବାନ୍ଦୋପଲାର ରାମେଶ୍ୱର ମନ୍ଦିରରେ ଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା।

**କୋକସରା, (ଡି.ଏନ.ଏ.):** କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ବ୍ଲକର ସର୍ବପୂରାତନ କାଳେଶ୍ୱର ମହାଦେବଙ୍କ ପୀଠ, ନିଳକଣ୍ଠେଶ୍ୱର ପୀଠ, ଲଡୁଗାଁ ଶୈବପୀଠରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି।

**ନୂଆପଡା ଅଫିସ:** ନୂଆପଡା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିରଠାରେ ଜାଗର ଉପଲକ୍ଷେ ରାଜ୍ୟ ତଥା ରାଜ୍ୟ ବାହାର ଭକ୍ତଙ୍କ ଭିଡ ଲାଗିଥିଲା। କୋଭିଡ୍ କଟକଣା ଦୃଷ୍ଟିରେ ମାସ୍କ ରାତି ୮ଟାରେ ସର୍ବସାଧାରଣଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରିବା ବ୍ୟବସ୍ଥା ରହିଥିବା ବେଳେ ରାତି ୧୧ଟାରେ ମହାଦୀପ ଉଠିଥିଲା।

**ତୁଣ୍ଡଲା, (ଡି.ଏନ.ଏ.):** କେସିଙ୍ଗା ବ୍ଲକ ଶୈବପୀଠ ବେଲଖଣ୍ଡିରେ କୋଭିଡ୍ ନିୟମ ଅନୁସାରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ହୋଇଥିଲା। ସିଦ୍ଧେଶ୍ୱରୀ ଚଣ୍ଡୀଙ୍କଠାରେ ସ୍ୱତନ୍ତ୍ର ପୂଜାପାଠ ହେଉଛି। ଭୋରୁ ପହଡ ଫିଟାଯାଇ ଧବଳେଶ୍ୱର ମହାଦେବ ଓ ଚଣ୍ଡୀ ମହାମାୟୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ବେଲଦାର ଭୋଇ, ସମ୍ପାଦକ ସୁଶାନ୍ତ ବାଗ, ଆତ୍ତତ୍ରାଣ ସିଂ, ଅକ୍ଷୟ କୁମାର ସାହୁ ଭକ୍ତଙ୍କୁ ଶାନ୍ତିଶୃଙ୍ଖଳାରେ ଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ।


ନୃସିଂହନାଥ ପରିସରରେ ଥିବା ଶିବ ମନ୍ଦିରରେ ପୂଜାର୍ଚ୍ଚନା ।

## ଜାଗରରେ ରକ୍ତଦାନ

**ବରଗଡ଼ ଅଫିସ:** ମହାଶିବରାତ୍ରୀ ଅବସରରେ ଗୁରୁବାର ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମାସ୍ଥିତ ବରାଡ଼ ବାଲୁଙ୍କେଶ୍ୱର ଶୈବପୀଠରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୪୨ଜଣ ରକ୍ତଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୨ଦମ୍ପତି ଏବଂ ୫ଜଣ ମହିଳା ଥିଲେ। ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ ସହିତ ସେଠାରେ ଆୟୋଜିତ ଶିବିରରେ ରକ୍ତଦାନ କରିଥିଲେ। ବରଗଡ଼ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଡା. ଅଜିତ କୁମାର ଦର୍ଜୀ ଶିବିର ପରିଦର୍ଶନ କରି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ନିଷ୍ଠା ପରିବାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ ।

## କଳାହାଣ୍ଡି ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ

**ଉପସଭାପତି ଭାବେ ନିମାଞ୍ଚଳ ନିର୍ବାଚିତ**

**ଭବାନୀପାଟଣା, ୧୧।୩ (ଡି.ଏନ.ଏ.)** କଳାହାଣ୍ଡି ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ହୋଇଛି। ସଂଘର ୧୨ଟି ପଦ ପାଇଁ ୧୭ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରେ ବହୁ ବରିଷ୍ଠ ଆଇନଜୀବୀମାନେ ଅଂଶଗ୍ରହଣ କରିଛନ୍ତି। ସଂଘ ସଭାପତି ପଦବୀ ପାଇଁ ୩ଜଣ ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ଆଚାର୍ଯ୍ୟ, ଭାବେନ୍ଦ୍ର ପଣ୍ଡା ଓ ସୁବ୍ରତ ବହିଦାର ନାମାଙ୍କନ ଦାଖଲ କରିଛନ୍ତି। ଉପସଭାପତି ପଦବି ପାଇଁ ଜଣେ ମାତ୍ର ନିମାଞ୍ଚଳ ନାଏକ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ସେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ଅଶ୍ୱିନୀ ଦାସ, ଯଶୋବନ୍ତ ନାଏକ, କ୍ଷୀରୋଦ ପ୍ରସାଦ ନେଗି, ନିହାରଞ୍ଜନ ମିଶ୍ର ନାମାଙ୍କନ ଦାଖଲ କରିଛନ୍ତି। ସହସମ୍ପାଦକ ପାଇଁ ସାଜୁ ବାଲନ, କୋଷାଧକ୍ଷ ପାଇଁ ମହେଶ ପ୍ରସାଦ ମହାପାତ୍ର ଓ ପରମାନନ୍ଦ ପଣ୍ଡା ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି। ଆସନ୍ତା ୨୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

## ବେସରକାରୀ ସିଟି ଶିକ୍ଷକ ସଂଘର ବୈଠକ

**ଭବାନୀପାଟଣା, ୧୧।୩ (ଡି.ଏନ.ଏ.)** ଭବାନୀପାଟଣାସ୍ଥିତ ଶିକ୍ଷକ ଭବନଠାରେ ବେସରକାରୀ ସିଟି ଶିକ୍ଷକ ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ସଂଘ ସଭାପତି ବରଦା ପ୍ରସନ୍ନ ନାୟକଙ୍କ ଅଧକ୍ଷତାରେ ପ୍ରେମାନନ୍ଦ ଚୌଧୁରୀ ସଭା ପରିଚାଳନା କରୁଥିଲେ। ଏଥିରେ ୨୦୧୭ରୁ ୨୦୧୯ ମଧ୍ୟରେ ଆୟୋଜିତ ଏନ୍‌ଆଇ ଓ ଏସଡିଏଲ୍‌ଇଡିର ପରୀକ୍ଷାରେ ଯୋଗଦେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଶିବରାତ୍ରିରେ ସାମୂହିକ ବ୍ରତୋପନୟନ


ବ୍ରତୋପନୟନ ସମୟରେ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରାଯାଉଛି ।

**ସୋନପୁର, ୧୧।୩(ନି.ପ୍ର.)**

ପବିତ୍ର ମହା ଶିବରାତ୍ରି ଅବସରରେ ରାମେଶ୍ୱର ଶୈବପୀଠ ପରିସରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ମଇସିଲି ମଲ୍ଲିକ ଓ ଶ୍ରୀବସ୍ତ ମଲ୍ଲିକଙ୍କ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପୂଜକ ପଣ୍ଡିତ ବେଦବ୍ୟାସ ମିଶ୍ର, ବାସୁଦେବ ଶତପଥୀ, ନୀଳମଣି ଓତା, ରାଧେଶ୍ୟାମ ପୁରୋହିତ, ଆଶିଷ କୁମାର ମିଶ୍ର, ଆନନ୍ଦ ପୂଝାରୀ ଓ ଗଣେଷ ଦାଶ ପ୍ରମୁଖ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଞ୍ଚ ବ୍ରାହ୍ମଣ ବାଳକଙ୍କ ବ୍ରତପନୋୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ଗତ ୩୧ ବର୍ଷ ଧରି ଶିବରାତ୍ରିରେ ଏଭଳି ଏକ ପବିତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଚଳିତ ଥର କୋଭିଡ୍ କଟକଣା ପାଇଁ କମ୍ ସଂଖ୍ୟକ ବାଳକଙ୍କ ବ୍ରତପନୋୟନ ହୋଇଥିଲା। ଏହି ଅବସରରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ, ବିଚାରପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବ୍ରାହ୍ମଣ ବାଳକଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ୨ ହାଇସ୍କୁଲ ପରିଦର୍ଶନ କଲେ ଜିଲାପାଳ, ଉପଜିଲାପାଳ

**କୋକସରା,, ୧୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସର ସଦର ଜବାହର ହାଇସ୍କୁଲ ଓ ଲଡୁଗାଁ ହାଇସ୍କୁଲ ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ ହୋଇଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରବାର ଜିଲାପାଳ ଡ଼. ଗାଭଲି ପରାଗ ହର୍ଷଦ ଓ ଧର୍ମଗଡ଼ ଉପଜିଲାପାଳ ଦିବାକର ଟି. ଏସଙ୍କ ସମେତ କୋକସରା ବିଡିଓ ମନୀଷା ଦାସ ଜବାହାର ହାଇସ୍କୁଲ ଓ ଲଡୁଗାଁ ହାଇସ୍କୁଲ ଭିତ୍ତିଭୂମି ତଦାରଖ କରିବା ସହ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମିତି ସଭ୍ୟ ତ୍ରିଭୁବନ ନାଏକ, କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ନାଥ, କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାଗେଶ୍ୱର ପ୍ରଧାନ, ଏବିଇଓ ତୋଫାନ ମାଝି, ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା, ଅମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମ ଭୋଇଙ୍କ ଶ୍ରାଦ୍ଧଦିବସ ପାଳିତ

**ସୋନପୁର, ୧୧।୩(ନି.ପ୍ର.)**

ସୋନପୁର କଲେଜରେ ସନ୍ଥକବି ଭୀମ ଭୋଇଙ୍କ ଶ୍ରାଦ୍ଧ ଦିବସ ଗୁରୁବାର ପାଳିତ ହୋଇଯାଇଛି। କଲେଜ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ଶ୍ରାଦ୍ଧସଭାରେ କଲେଜର ଇଂଲିଶ ବିଭାଗ ପ୍ରାଧ୍ୟାପିକା କଳ୍ପନା ମିଶ୍ର ଅଧକ୍ଷତା କରିଥିଲେ। ଓଡିଆ ବିଭାଗ ପ୍ରାଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କଲେଜ ପରିସରରେ ଥିବା ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କବିଙ୍କର ସ୍ମୃତି ଚାରଣ କରିଥିଲେ। ଏହି ଶ୍ରାଦ୍ଧସଭାରେ ଓଡିଆ ବିଭାଗ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀ, ଡ. ଇତିଶ୍ରୀ ଦାସ, ଅଧାପକ ମିନକେତନ କୁମ୍ଭାର, ଡ. ମହେନ୍ଦ୍ର ଦାଶ, କ୍ଷେମାସାଗର ସାହୁ, ଅରବିନ୍ଦ ସାହୁ, ଅକ୍ଷୟ ସାହୁ, ବିଶ୍ୱନାଥ ମେହେର ଏବଂ ଓଡିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗଦାନ କରି ସନ୍ଥକବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଅତିଥି ଓ ଅଧାପକ ବୃନ୍ଦ ସନ୍ଥକବିଙ୍କ ସ୍ମୃତିଚାରଣ କରୁଛନ୍ତି ।

# ସାମୂହିକ ପ୍ରଚେଷ୍ଟା ବାଲ୍ୟବିବାହ ରୋକିପାରିବ

**ସୋନପୁର, ୧୧।୩(ନି.ପ୍ର.)**


କର୍ମଶାଳାରେ ଅତିଥି ଓ ଆୟୋଜକ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ନେଉଛନ୍ତି ।

**ବାଲ୍ୟ ବିବାହ ରୋକିବା ପାଇଁ ଶପଥ ଗ୍ରହଣ**

ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଏକ ଜିଲାସ୍ତରୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲାର ବିଭିନ୍ନ ବ୍ଲକରୁ ବିଭିନ୍ନ ଜାତି ସମାଜର ମୁଖ୍ୟ, ଟେଣ୍ଟ ହାଉସ ମାଲିକ, ପୂଜକ, ବ୍ୟାଣ୍ଡପାର୍ଟି, ଡିଜେପାର୍ଟି ଓ ପ୍ରିଣ୍ଟିଙ୍ଗ ପ୍ରେସ ମାଲିକ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ମୋନିଷା ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟର ସାମୂହିକ ପ୍ରଚେଷ୍ଟାରେ ହିଁ ବାଲ୍ୟବିବାହକୁ ରୋକାଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ସୀତାରାମ ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ତେରିଆ କେର୍କେଟା ଓ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ମହିଳା ପରିଦର୍ଶିକା ଓ ବାଲ୍ୟ ବିବାହ ପରାମର୍ଶଦାତା ରାକେଶ ପଧାନ ଯୋଗଦେଇ ବାଲ୍ୟବିବାହ ନିରାକରଣ ପାଇଁ ବିଭିନ୍ନ ଦିଗ ଉପର ଆଲୋଚନା କରିଥିଲେ। ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥି ଓ ଆୟୋଜକ ଜିଲାରେ ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ରେଆର ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ବିକାଶ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍



ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ସହର ମହାନଦୀ ବ୍ରିଜ୍ ଛକଠାରୁ ସିଦ୍ଧାର୍ଥ ଡିଗ୍ରୀ କଲେଜ ରାସ୍ତାକଡରେ ଥିବା ଷ୍ଟ୍ରିଟ୍‌ଲାଇଟ୍‌ଗୁଡିକ ଦିନରାତି ଜଳୁଛି । ସନ୍ଧ୍ୟା ୬ଟାରୁ ଜଳୁଥିବା ଲାଇଟ ପରବର୍ତ୍ତୀ ଦିନ ସକାଳେ ବନ୍ଦ କରାଯିବା କଥା। ହେଲେ ଏଥିପ୍ରତି ଦାୟିତ୍ୱରେ ଥିବା କର୍ମଚାରୀ ଦୃଷ୍ଟି ନ ଦେବା ଫଳରେ ଅନାବଶ୍ୟକ ଭାବେ ବିଦ୍ୟୁତ୍ ନଷ୍ଟ ହେଉଛି । ବିନିକା ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ପାଇପଲାଇନ ଗର୍ତ୍ତରୁ ୨ଗୋରୁ ଉଦ୍ଧାର

**ଅମରପାଲି, ୧୧।୩ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ପଞ୍ଚାୟତର ବଡଖମାର ଓ ରାଧାପୁର ଗ୍ରାମରେ ପାଇପ ଲାଇନ ଗର୍ତ୍ତରୁ ଦୁଇଟି ଗୋରୁ ଉଦ୍ଧାର କରାଯାଇଛି। ସୁବଲୟାରେ ଏକ ମେଗା ଉଠାଜଳ ସେଚନ ପ୍ରକଳ୍ପ କରାଯାଉଛି । ସେଠାରୁ ବିଭିନ୍ନ ଗ୍ରାମକୁ ପାଇପ ବିଛାଯିବା ପାଇଁ ଗର୍ତ୍ତ ଖୋଳାଯାଉଛି। ଗର୍ତ୍ତ ଖୋଲି ସଙ୍ଗେ ସଙ୍ଗେ ପାଇପ ଲାଇନ ନ ବିଛାଇ ଖୋଲା ରଖି ଦିଆଯାଉଛି। ଫଳରେ ବିଭିନ୍ନ ସମୟରେ ଉକ୍ତ ଗର୍ତ୍ତରେ ଗୋରୁ ପଡୁଥିବା ଦେଖିବାକୁ ମିଳୁଛି। ଗତ ବୁଧବାର ସନ୍ଧ୍ୟାରେ ବଡଖମାର ଗ୍ରାମରେ ଏକ ଗୋରୁ ଉକ୍ତ ଗର୍ତ୍ତରେ ପଡିଥିଲା। ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଦମକଳ ବାହିନୀ ଆସି ଗୋରୁକୁ ଉଦ୍ଧାର କରିଥିଲେ। ଗୁରୁବାର ମଧାହ୍ନରେ ପୁଣି ଏକ ଗୋରୁ ରାଧାପୁର ଗ୍ରାମରେ ଖୋଳାଯାଉଥିବା ପାଇପ ଲାଇନ ଗର୍ତ୍ତରେ ପଡିଥିଲା। ଗ୍ରାମବାସୀ ଜେସିବି ଆଣି ଗାଈକୁ ଉଦ୍ଧାର କରିଛନ୍ତି। ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ ନିର୍ମାଣକାରୀ ସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

### କୁକୁର ସହ ଧକ୍କା, ୩ ବାଇକ୍ ଆରୋହୀ ଗୁରୁତର

**ବାଉଁଶୁଣୀ, ୧୧।୩ (ଡି.ଏନ.ଏ):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଦନ୍ତାପାଲି ଗ୍ରାମ ନିକଟ ଏନ୍‌ଏଚ୍-୫୭ରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ କୁକୁର ସହ ଧକ୍କା ହୋଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ରେ ବସିଥିବା ୩ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ପ୍ରଥମେ ବାଉଁଶୁଣୀ ଡାକ୍ତରଖାନା ଏବଂ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମନମୁଣ୍ଡା ଥାନା ଖଲିଆପାଲି ଗ୍ରାମର ସଚ୍ଚିଦାନନ୍ଦ ମେହେର (୨୧) ଦୁଇ ଜଣ ସମ୍ପର୍କୀୟ ମହିଳାଙ୍କୁ ବାଇକ୍‌ରେ ବସାଇ ତେଲିବନ୍ଧ ଗ୍ରାମପଞ୍ଚାୟତ କମ୍ପରା ଗ୍ରାମକୁ ଯାଉଥିଲେ। ବାଇକ ସହ କୁକୁର ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ କୁକୁରର ମୃତ୍ୟୁ ଘଟିଛି।

### ପୋଷ୍ୟ ପାଇଁ ବଢୁଛି ଆଗ୍ରହ

**ବୌଦ୍ଧ,୧୧।୩(ସ୍ୱ.ପ୍ର):** ବୌଦ୍ଧ ଜିଲାର କେତେକ ପ୍ରମୁଖ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ମିଳିଛି। ବାଉଁଶୁଣୀର ଡା. ରାଜେଶ ତ୍ରିପାଠୀଙ୍କୁ ସ୍ଥାନୀୟ ସରକାରୀ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଅନୁମତି ମିଳିସାରିଛି। ଏହାପରେ ବୌଦ୍ଧର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ତଥା ବର୍ତ୍ତମାନ ନବରଙ୍ଗପୁର ଜିଲାରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଚିତ୍ତରଞ୍ଜନ ପାଣିଗ୍ରାହୀ କନ୍ଧମାଳ ବ୍ଲକ ପଲସାଗୁଡା ସ୍ଥିତ ଏମ୍‌ଜିପି ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ମୋ ସ୍କୁଲ ଅଭିଯାନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ବର୍ତ୍ତମାନ ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଖଲିଆବଗିଚା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ସରକାରଙ୍କୁ ପ୍ରସ୍ତାବ ପଠାଇଛନ୍ତି।

### ଶିବମନ୍ଦିରରେ ମନ୍ତ୍ରୀଙ୍କ ଠାକୁର ଦର୍ଶନ

**ବାଉଁଶୁଣୀ,୧୧।୩(ଡି.ଏନ.ଏ):** ମହାଶିବରାତ୍ରିରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ବାଉଁଶୁଣୀସ୍ଥିତ ଶିବ ମନ୍ଦିରକୁ ଯାଇ ଭୁବନେଶ୍ୱର ମହାଦେବଙ୍କ ଦର୍ଶନ କରିଛନ୍ତି। ମନ୍ଦିର କମିଟି ସଭାପତି ନାରାୟଣ ଦେହୁରୀ, ସମ୍ପାଦକ ବାବାରାମ ଦେହୁରୀ, ସେବାୟତ ମଣ୍ଡଳୀ ଓ ଶିବରାତ୍ରି କମିଟିର ସଦସ୍ୟମାନେ ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିରର ବିକାଶ ପାଇଁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଡା. ରାଜେଶ ତ୍ରିପାଠୀ, ଇଂ. ରାକେଶ ତ୍ରିପାଠୀ, ବାଉଁଶୁଣୀ ଥାନାଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

### ଓଡ଼ିଶା ପ୍ରଗତି ଦଳର ବୈଠକ

**ସରଣ୍ଡା, ୧୧।୩ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ ଅଧୀନ ଲସ୍ତଲା ଗ୍ରାମରେ ଗୁରୁବାର ଓଡ଼ିଶା ପ୍ରଗତି ଦଳର ଏକ ବୈଠକ ଅନୁଷ୍ଠିତ ହୋଇଛି। ବାବୁଲ ଓଣ୍ଡାଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଦଳର ରାଜ୍ୟ ସଭାପତି ଜନ୍ମେଞ୍ଜୟ ରୋହିଦାସ ଯୋଗଦେଇଥିଲେ। ବରଗଡ ଜିଲା ଯୁବ ସଭାପତି ଧରଣୀଧର ଗଡତିଆ, ଜିଲା ସାଧାରଣ ସମ୍ପାଦକ, ଛାତ୍ର ପରିଷଦର ବନିତା ପ୍ରଧାନ, ପଦ୍ମପୁର ବ୍ଲକ ଯୁବ ସଭାପତି ସଦାନନ୍ଦ ସାହୁ, ପାଇକମାଳ ବ୍ଲକ ଯୁବ ସଭାପତି କେଶବ ରଣା, ଭଟଲି ବ୍ଲକ ଯୁବ ସଭାପତି ସୁଧୀର ମହାପାତ୍ର ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ବଳୟରେ ବଲାଙ୍ଗୀର

**ବଲାଙ୍ଗୀର ଅଫିସ, ୧୧।୩**



ଗନ୍ଧରେଲ ଜଙ୍ଗଲରେ ନିଆଁ ଲାଗିଥିବା ସ୍ଥାନକୁ ଡିଏଫ୍‌ଓ ସମୀର ଶତପଥୀ ପରିଦର୍ଶନ କରୁଛନ୍ତି ।

ବଲାଙ୍ଗୀର ଜିଲାରେ ଖରାଦିନ ଆସିଲେ ଜଙ୍ଗଲରେ ନିଆଁ ଲାଗିଥାଏ। ଚଳିତବର୍ଷ ମଧ୍ୟ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ପୋଡି ନଷ୍ଟ ହେଲାଣି । ପୂର୍ବରୁ ଜଙ୍ଗଲରେ ନିଆଁ ଲାଗିବା କଥା ଏତେ ବ୍ୟାପକ ଭାବେ ଜଣାପଡୁ ନ ଥିଲା। ଏବେ ସାଟେଲାଇଟ୍ ଚିତ୍ର ଆସିବା ଫଳରେ ବାସ୍ତବରେ କେତେ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହେଉଛି ତାର ଚିତ୍ର ସ୍ପଷ୍ଟ ଦେଖାଯାଉଛି। ସାଟେଲାଇଟ୍ ଚିତ୍ର ଜରିଆରେ ବଲାଙ୍ଗୀର ଜିଲାରେ ଜାନୁୟାରୀ ମାସରୁ ମାର୍ଚ୍ଚ ୧୦ସୁଦ୍ଧା ବିଭିନ୍ନ ଜଙ୍ଗଲର ୭୫୬ଟି ପଏଣ୍ଟରେ ନିଆଁ ଲାଗିସାରିଛି। ଗୁରୁବାର ସାଟେଲାଇଟ୍ ଚିତ୍ର ଅନୁଯାୟୀ ଜିଲାର ୪୮ଟି ପଏଣ୍ଟରେ ନିଆଁ ଲାଗିଛି। ସହର ଉପକଣ୍ଠ ଗନ୍ଧରେଲ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁ ଲାଗିଥିଲା। ସ୍ଥାନୀୟ କେତେକ ସଚେତନ ବ୍ୟକ୍ତି ଏ ସମ୍ପର୍କରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସମୀର ଶତପଥିଙ୍କୁ ଫୋନ୍ କରି ଜଣାଇଥିଲେ। ଏହାପରେ ବନବିଭାଗ ଅଗ୍ନି ସୁରକ୍ଷା ସ୍କ୍ୱାଡ ସଦସ୍ୟ ଗନ୍ଧରେଲ ଜଙ୍ଗଲକୁ ଯାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଡିଏଫ୍‌ଓ ଶତପଥୀ ଗନ୍ଧରେଲ ଗାଁ ନିକଟ ଜଙ୍ଗଲକୁ ଯାଇ ନିଆଁ ଲାଗିଥିବା ସ୍ଥାନ ପରିଦର୍ଶନ କରିଥିଲେ। ଡିଏଫ୍‌ଓ ଶତପଥୀ ଥିବା ସ୍ଥାନରେ ୪ଟି ପଏଣ୍ଟରେ ନିଆଁ ଲାଗିଥିଲା। ଗୋଟିଏ ଅଞ୍ଚଳକୁ ଟିମ୍ ନେଇ ଗଲାବେଳେ ଅନ୍ୟପଟେ ନିଆଁ ଲାଗୁଥିବା ଦେଖାଯାଇଥିଲା। କେତେକ ଲୋକ ଜାଣିଶୁଣି ସେଠାରେ ନିଆଁ ଲଗାଉଥିବା ସନ୍ଦେହ କରାଯାଉଛି। ଗନ୍ଧରେଲ ଗାଁରେ ବନ ସୁରକ୍ଷା ସମିତି ଥିଲେ ମଧ ଜଙ୍ଗଲୀ

- ୮୦୪ ପଏଣ୍ଟରେ ନିଆଁ, ଲିଭିଲାଣି ୫୬୫ ପଏଣ୍ଟ
- ଗନ୍ଧରେଲ ଜଙ୍ଗଲ ନିଆଁ ଲିଭା ପରିଦର୍ଶନ କଲେ ଡିଏଫ୍‌ଓ
- ଜିଲାରେ ମାତ୍ର ୧୧୦ ଅଗ୍ନି ସୁରକ୍ଷା ସଦସ୍ୟ

ନିଆଁ ସମ୍ପର୍କରେ ସେମାନେ ଆଦୌ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନଥିବା ଦେଖାଯାଇଥିଲା। ନିଆଁ ଲଗାଯାଇଥିବା ସ୍ଥାନରେ କେନ୍ଦୁପତ୍ର ଗୋଛା ଥିବାରୁ କେନ୍ଦୁପତ୍ର ସଂଗ୍ରହ ଏବଂ ମହୁଲ ସଂଗ୍ରହ ପାଇଁ ଏଭଳି ନିଆଁ ଲଗାଯାଉଥିବା ସନ୍ଦେହ ଘନୀଭୂତ ହେଉଛି । ଡିଏଫ୍‌ଓ ମଧ ଏନେଇ ସନ୍ଦେହ ପ୍ରକଟ କରିଛନ୍ତି। ଜଙ୍ଗଲ ପାଦଦେଶରେ ନିଆଁ ଲଗାଇ ଦେବା ପରେ ତାହା ଜଙ୍ଗଲ ଉପର ଅଞ୍ଚଳକୁ ବ୍ୟାପୀ ଯାଉଥିବା ଲକ୍ଷ୍ୟ କରାଯାଉଛି।

ବଲାଙ୍ଗୀର ବନଖଣ୍ଡରେ ମାତ୍ର ୧୧୦ ଜଣ ସଦସ୍ୟ ଅଗ୍ନି ସୁରକ୍ଷା ସ୍କ୍ୱାଡରେ ରହିଛନ୍ତି। ଏତେ କମ୍ ସଦସ୍ୟରେ ଜଙ୍ଗଲୀ ନିଆଁକୁ ଆୟତ୍ତ ସମ୍ଭବପର ହେଉନାହିଁ । ଏନେଇ ବନ ସୁରକ୍ଷା ସମିତି ସଦସ୍ୟ ଓ ସ୍ଥାନୀୟ ଲୋକେ ମଧ ବିଶେଷ ଯତ୍ନବାନ ହେଉ ନ ଥିବା ଦେଖାଯାଉଛି। ସର୍ବୋପରି ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିଲେ ମଧ ଜଙ୍ଗଲ ବିଭାଗ ପକ୍ଷରୁ ଠିକଣା ସମୟରେ ଉଚିତ୍ ବ୍ୟବସ୍ଥା କରାଯାଉନାହିଁ। ଜଙ୍ଗଲ ବିଭାଗ ଅଧିକାରୀମାନେ କେବଳ ଦେଖଣାହାରୀ ସାଜିଛନ୍ତି । ଜଙ୍ଗଲ ନିଆଁ ବଳୟରେ ସରୀସୃପ, ଜଙ୍ଗଲୀ ପଶୁଜନ୍ତୁ ମଧ ପୋଡି ମୃତ୍ୟୁବରଣ କରୁଥିବା ଆଶଙ୍କା କରାଯାଉଛି ।

### ଜଙ୍ଗଲୀ ନିଆଁ ବଢ଼ାଇବ ଉତ୍ତାପ

ବଲାଙ୍ଗୀର ଜିଲା ଜିଲାରେ ତାପମାତ୍ରା ବୃଦ୍ଧି ଅନେକ ସମୟରେ ପ୍ରାଦେଶିକ ଓ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରତିବର୍ଷ ଖରାଦିନେ ଗ୍ରୀଷ୍ମ ପ୍ରଭାବ ଅସହ୍ୟ ହୋଇପଡିଥାଏ । ଏଭଳି ସମୟରେ ଜଙ୍ଗଲୀରେ ନିଆଁ ଗ୍ରୀଷ୍ମ ପ୍ରଭାବଜନିତ ତାପମାତ୍ରକୁ ଆହୁରି ବଢ଼ାଇବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି । ଖରାଦିନରେ ଜଙ୍ଗଲୀ ନିଆଁ ସମ୍ପର୍କରେ ଜନସଚେତନତା ସୃଷ୍ଟି କରା ନ ଗଲେ ଆଗାମୀ ଦିନରେ ତାପମାତ୍ର ବୃଦ୍ଧି ଅନ୍ୟତମ ସଙ୍କଟ ହେବ ବୋଲି କୁହାଯାଉଛି। ଡିଏଫ୍‌ଓ ସମୀର ଶତପଥୀ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଘଟଣା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି ବୋଲି କହିଛନ୍ତି । ଏଥିଯୋଗୁଁ ତାପମାତ୍ର ମଧ ବୃଦ୍ଧି ପାଇବା ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅଗ୍ନିଶମ ବିଭାଗ ସହାୟତାରେ ଜଙ୍ଗଲ ନିଆଁ ଲିଭାଯିବା ଦିଗରେ ବନବିଭାଗ ପ୍ରୟାସ କରୁଛି। ଏଭଳି ସମୟରେ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର

**ବଲାଙ୍ଗୀର ଅଫିସ, ୧୧।୩**

ବଲାଙ୍ଗୀର ମଣ୍ଟେଶରୀ ପବ୍ଲିକ ସ୍କୁଲରେ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ ରେଡକ୍ରସ ଜରିଆରେ କିଭଳି ସମାଜ ବିକାଶ କାର୍ଯ୍ୟକ୍ରମ କରାଯାଇପାରିବ କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ସନାତନ ଠାକୁର ତାଙ୍କ ବକ୍ତବ୍ୟରେ ସେବା ଏକ ସ୍ୱର୍ଗୀୟ ଗୁଣ ଓ ଏହା ଦ୍ୱାରା ମନୁଷ୍ୟ ଦିବ୍ୟାନନ୍ଦ ଲାଭ କରେ ବୋଲି କହିଥିଲେ । ସମ୍ମାନିତ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ, ଜିଲା ଜୁନିୟର ରେଡକ୍ରସ ଅଫିସର ସୁବାସ ଚନ୍ଦ୍ର ପଟେଲ, ମଣ୍ଟେଶରୀ ସ୍କୁଲ ଅଧକ୍ଷ ରବିଚନ୍ଦ୍ର ଉଦ୍‌ଗାତା, ପ୍ରାଇଭେଟ ସ୍କୁଲ ଆସୋସିଏଶନ ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ, ୟୁଥ ରେଡକ୍ରସ ଜିଲା ସଂଯୋଜକ ଗୋପାଳ ବେହେରା, ରାଜ୍ୟ ସାଧନ କର୍ମୀ ସରୋଜକାନ୍ତ ରଥ ରେଡକ୍ରସ୍ ଉପରେ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ୩୦ଜଣ ପରାମର୍ଶଦାତା, ୪ଜଣ ଅଫିସିଆଲ ଓ ୫ଜଣ ସାଧନକର୍ମୀ ଅଂଶଗ୍ରହଣ କରିଥିଲେ। ଧରମସିଂ ମିଶ୍ର ରେଡକ୍ରସର ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତା ସମ୍ପର୍କରେ,ଜାତୀୟ ସାଧନ କର୍ମୀ ସତ୍ୟନାରାୟଣ ହୋତା ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଓ ରାଜ୍ୟ ଜୁନିୟର ରେଡକ୍ରସ ସଂଯୋଜକ ଲକ୍ଷ୍ମଣ ସ୍ୱାଇଁ ମାନବ ସେବାକୁ ବ୍ରତ ରୂପେ ଗ୍ରହଣ କରି ସେବା ଧର୍ମରେ ଦୀକ୍ଷିତ ହେବା ପାଇଁ ଆହ୍ୱାନ ଦେଇଥିଲେ।

# କୋଭିଡ୍ କଟକଣାରେ ମହାଶିବରାତ୍ରି ପାଳିତ





ସୁବର୍ଣ୍ଣମେରୁଙ୍କ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ଧାଡିରେ ଛିଡା ହୋଇଛନ୍ତି(ବାମ)। ତୁଳସୀନଗର ଟାଙ୍ଗେଶ୍ୱର ମହାଦେବ ମନ୍ଦିର ଗେଟ୍ ବାହାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି

**ସୋନପୁର,୧୧।୩(ନି.ପ୍ର.)**

କୋଭିଡ୍ କଟକଣା ମଧରେ ସୁବର୍ଣ୍ଣପୁର ଜିଲାର ଶୈବ ପୀଠଗୁଡିକରେ ମହା ଶିବରାତ୍ରି ପାଳିତ ହୋଇଯାଇଛି। କୋଭିଡ୍ ନିୟମ ଉଲ୍ଲଘଂନ ପାଇଁ ଗତ ୩ତାରିଖରୁ ସିଲ୍ କରାଯାଇଥିବା ରାମେଶ୍ୱର ମନ୍ଦିରକୁ ଜିଲାପାଳ ମୋନିଷା ବାନାର୍ଜି ମହାଶିବରାତ୍ରୀକୁ ଦୃଷ୍ଟିରେ ରଖି କଟକଣା କୋହଳ କରିବା ପରେ ଶ୍ରଦ୍ଧାଳୁ ଗୁରୁବାର ରାମେଶ୍ୱରଙ୍କୁ ଦର୍ଶନ କରିଥିଲେ। ସେହିପରି ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଁକାରନାଥ, ପଞ୍ଚରଥ, ସିଦ୍ଧେଶ୍ୱର ଓ ଲୋକନାଥ ମନ୍ଦିରରେ ସକାଳଠାରୁ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସେହିପରି ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର, ବିନିକା ଚରଦାର କପିଳେଶ୍ୱର, ସୋନପୁର ଗତରକେଲାର ଖୁଙ୍କୁଡେଶ୍ୱର ଓ ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ମହା ଶିବରାତ୍ରି ବିଧିମତେ ପାଳନ କରାଯାଇଛି।

### ଯୋଗେଶ୍ୱର ଧାମ ଗେଟ୍‌ରେ ତାଲା

**ଲୋଇସିଂହା,(ଡି.ଏନ.ଏ):** କରୋନା କଟକଣା ଯୋଗୁ ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ଶୈବପୀଠ ମୁଖ୍ୟଦ୍ୱାରରେ ଗୁରୁବାର ତାଲା ପଡିଥିଲା। ମହାପ୍ରଭୁଙ୍କ ଦର୍ଶନ କରି ନ ପାରି ଗେଟ ବାହାରେ ଭକ୍ତ ମୁଣ୍ଡିଆ ମାରି ନିରାଶରେ ଘରକୁ ଫେରିଛନ୍ତି । ଭକ୍ତ ମହାଦୀପ ଦର୍ଶନରୁ ବଞ୍ଚିତ ରହିବା ଓ ବର୍ଷବର୍ଷର ପରମ୍ପରା ଭଙ୍ଗ ହୋଇଥିବା ଚିତ୍ତବିନୋଦ ମିଶ୍ର, ଜିତେନ୍ଦ୍ର ତ୍ରିପାଠୀ, ଧର୍ମେନ୍ଦ୍ର ତ୍ରିପାଠୀ ଅସନ୍ତୋଷବ୍ୟକ୍ତ କରିଛନ୍ତି।

### ମନ୍ଦିରକୁ ପଶି ପାରିଲେନି ଭକ୍ତ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ସହରରେ ମହାଶିବରାତ୍ରୀରେ ନିହାତି କମ୍ ଭିଡ ପରିଲକ୍ଷିତ ହୋଇଥିଲା। ଲୋକନାଥ ମନ୍ଦିର, ତୁଳସୀନଗର ଟାଙ୍ଗେଶ୍ୱର ମହାଦେବ ମନ୍ଦିର, ଶାନ୍ତିପଡାର ଚନ୍ଦ୍ରଶେଖର ମନ୍ଦିର, ରେଳୱେ ଷ୍ଟେଶନ୍ ଶିବମନ୍ଦିର, ଖୁଜେନ୍‌ପାଲି ଶିବମନ୍ଦିରରେ ବିଧିରକ୍ଷା ପୂର୍ବକ ପୂଜାର୍ଚ୍ଚନା ହୋଇଥିଲେ ମଧ ଭକ୍ତଙ୍କ ସମୂହ ଦର୍ଶନକୁ ବାରଣ କରାଯାଇଥିଲା। ଫଳରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମନ୍ଦିର ଗେଟ୍ ବାହାରେ ରହି ପୂଜାର୍ଚ୍ଚନା ସାମଗ୍ରୀ ଦେଇ ଭକ୍ତି ନିବେଦନ କରିଥିଲେ। କଟକଣା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ମନ୍ଦିରରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ମିଳୁନି ଭତ୍ତା, ଆବାସ ଯୋଜନାରେ ଘର

**ଲୋଇସିଂହା,୧୧।୩(ଡି.ଏନ.ଏ)**

### ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଫୁଲଙ୍କ ପରିବାର



ଝିଅ ସହ ଛପର ଘର ସମ୍ମୁଖରେ ଫୁଲ ପଟେଲ।

ଷାଠିଏ ବର୍ଷ ହେଲେ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ଲୋଇସିଂହା ବ୍ଲକ ଯୋଗୀସର୍ଡ ପଞ୍ଚାୟତ ଅନ୍ତର୍ଗତ ଗୁର୍ଜିଭଟା ଗାଁର ସହଦେବ ପଟେଲ(୬୮) ଓ ତାଙ୍କ ସ୍ତ୍ରୀ ଫୁଲ(୬୧)ଙ୍କୁ ଅଦ୍ୟାବଧି ଭତ୍ତା ମିଳିନାହିଁ। ଏପରି ଭଲ ଘରଟିଏ ନ ଥିଲେ ବି ଆବାସ ଯୋଜନାରୁ ବଞ୍ଚିତ ରହି ଝାଟି ଘରେ ସେମାନେ ଦିନ ବିତାଉଛନ୍ତି।

ଗାଁ ପୋଖରୀ ମୁଣ୍ଡା ରାସ୍ତାରେ ସହଦେବ ଓ ଫୁଲଙ୍କ ଘର । ପାଞ୍ଚ ଝିଅଙ୍କୁ ନେଇ ସହଦେବ ଓ ଫୁଲଙ୍କ ପରିବାର। ଘରଡିହ ବ୍ୟତୀତ ଆଉ କିଛି ଜମିବାଡି ନାହିଁ। ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ସହଦେବ କିଛି ରୋଜଗାର କରୁଥିଲେ। ବଡକଷ୍ଟରେ ୩ଝିଅଙ୍କୁ ବିବାହ କରାଇଛନ୍ତି। ହେଲେ କାଠକାଟି ଆଣି ବିକିବା କଠିନ ହେବାରୁ ଏବେ ବଲାଙ୍ଗୀରକୁ ମୂଲ ଲାଗିବାକୁ ଯାଉଛନ୍ତି। ସରକାରୀ ସହାୟତା ବାବଦ ଅନ୍ତ୍ୟୋଦୟ ଯୋଜନାରେ ମିଳୁଥିବା ୩୫କେଜି ଚାଉଳ ଓ ଏତିକି ରୋଜଗାରରରେ ସ୍ତ୍ରୀ ଫୁଲ ଓ ଦୁଇଝିଅ ନିଲେନ୍ଦ୍ରୀ ଓ ମହେନ୍ଦ୍ରୀଙ୍କୁ ପ୍ରତିପୋଷଣ କରିବା ସମ୍ଭବ ହେଉ ନ ଥିବା କହିଛନ୍ତି ସହଦେବ। ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନାରେ ଘର ପାଇଁ ସେ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଧାଇଁ ନୟାନ୍ତ ହୋଇଥିଲେ ବି ନିରାଶ ହେବାକୁ ପଡିଥିବା କହିଛନ୍ତି ଫୁଲ। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ତେଲଙ୍ଗାନାରେ ଦାଦନ ପରିବାରକୁ ନିର୍ଯାତନା

**ଲାଠୋର, ୧୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ଗାଁର ଏକ ଦାଦନ ପରିବାର ତେଲେଙ୍ଗାନାରେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ପରିବାର ଲୋକେ ଏ ନେଇ ଗାଁରେ ଥଇବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଫୋନ ଯୋଗେ ଜଣାଇ ଉଦ୍ଧାର କରିବାକୁ ଏକ ଆକୁଳ ନିବେଦନ କରଛନ୍ତି। ମାଲପଡାର କେଶଧର ସୁନା ସ୍ତ୍ରୀ ଲଳିତା(୪୦), ଝିଅ ପିଙ୍କି (୧୬), ରିଙ୍କି (୧୦), ନନ୍ଦିନୀ (୫), ପରିମିତା (୧)ଙ୍କୁ ନେଇ ଫେବୃୟାରୀରେ ତେଲେଙ୍ଗାନା ରାଜ୍ୟ ରଙ୍ଗାରେଡି ଜିଲା କୁନ୍ଦୁକୁର ମଣ୍ଡଳ ନିକଟ ଗୁମଡାଭେଲି ଗ୍ରାମର ରାମବାବୁଙ୍କ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ବେଲପଡା ଥାନା ତଅଁଲା ଗ୍ରାମର ଦାଦନ ସର୍ଦ୍ଦାର ଟେଟକାଙ୍କ ମାଧ୍ୟମରେ କିଛି ଅଗ୍ରୀମ ଟଙ୍କା ନେଇ ସେମାନେ ସେଠାକୁ ଯାଇଥିଲେ। କିଛି ଦିନ କାମ କଲାପରେ ଭାଟି ମାଲିକ ରାତି ୩ଟାରୁ ପୂର୍ବାହ୍ନ ୧୧ ଏବଂ ଅପରାହ୍ନ ୨ଟାରୁ ରାତି ୧୨ପର୍ଯ୍ୟନ୍ତ କାମ କରି ଦୈନିକ ୩ ହଜାର ଇଟା ଗଢିବାକୁ କୁଆଡେ ବାଧ୍ୟ କରୁଥିଲେ। ଛୋଟ ପିଲାଙ୍କୁ ମଧ ଯୋର ଜବରଦସ୍ତ କାମ କରାଉଛନ୍ତି। ସମ୍ପୃକ୍ତ ପରିବାର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିବା ସହ ଠିକ୍‌ଭାବେ ଖାଦ୍ୟପେୟ ଦିଆଯାଉନାହିଁ। ଦେହ ଖରାପ ହେଲେ ଚିକିତ୍ସା ବ୍ୟବସ୍ଥା ମଧ କରାଯାଉନାହିଁ। ଫଳରେ ଏଠାରେ କାମ କରୁଥିବା ଶ୍ରମିକମାନେ ନାନା ସମସ୍ୟାରେ ରହିଛନ୍ତି। କାଳେ ଶ୍ରମିକମାନେ ନିଜ ସମ୍ପର୍କୀୟମାନଙ୍କ ସହ କଥା ହୋଇ ଘଟଣା ବିଷୟରେ କହି ଦେବେ ମନେ କରି ମାଲିକ ଶ୍ରମିକମାନଙ୍କୁ ମୋବାଇଲରେ କଥା ହେବା ଉପରେ କଡା ନଜର ରଖିଛନ୍ତି। ଶ୍ରମିକ ପରିବାର ଲୁଚାଛପା ଫୋନ କରି ଘଟଣା ବିଷୟରେ ତାଙ୍କ ସମ୍ପର୍କୀୟମାନଙ୍କୁ ଜଣାଉଛନ୍ତି। ଘଟଣାକୁ ନେଇ ତାଙ୍କ ସମ୍ପର୍କୀୟ ଖପ୍ରଖୋଲ ବିଡିଓ ତରଣୀ ସୁନାଙ୍କୁ ଜଣାଇବା ପରେ ସେ ପଦକ୍ଷେପ ନେବାକୁ ତୁରନ୍ତ ଶ୍ରମ ବିଭାଗକୁ ଅବଗତ କରିଥିଲେ। ହେଲେ ଏ ଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମ୍ପୃକ୍ତ ଶ୍ରମିକ ପରିବାରଙ୍କୁ ଉଦ୍ଧାର କରିବାକୁସାଧାରଣରେ ଦାବିହେଉଛି।

**ଉଦ୍ଧାର କରିବାକୁ ଆକୁଳ ନିବେଦନ**

# ଗ୍ରାମାଞ୍ଚଳ ଜଳକଷ୍ଟ ଦୂରକର

**ବୌଦ୍ଧ,୧୧।୩(ସ୍ୱ.ପ୍ର)**



ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ।

ବୌଦ୍ଧ ଜିଲାରେ ଗ୍ରୀଷ୍ମକାଳୀନ ପାନୀୟଜଳ ସଙ୍କଟ ଦୂର ପାଇଁ ଏକ ଜରୁରୀ ବୈଠକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶେଷତଃ ଗ୍ରାମାଞ୍ଚଳ ଓ ସହରବାସୀଙ୍କୁ ଗ୍ରୀଷ୍ମ ସମୟରେ ସହଜରେ ପାଣି କିପରି ମିଳିପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଲୋକମାନେ ଖରାଦିନେ ଯେପରି ପାଣି ପାଇପାରିବେ ସେ ନେଇ ଆଲୋଚନା କରିବା ସହ ଏବେଠୁ ପ୍ରସ୍ତୁତ ରହିବାକୁ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ କହିଥିଲେ। ଜିଲାର ସମସ୍ତ ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ମହଜୁଦ ରଖିବା ଓ ଜଳକ୍ଲିଷ୍ଟ ଅଞ୍ଚଳକୁ ଭ୍ରାମ୍ୟମାଣ ଗାଡିରେ ପିଇବା ପାଣି ଯୋଗାଣ ପାଇଁ ବିଡିଓମାନଙ୍କୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜଳଯୋଗାଣ କରୁଥିବା ପମ୍ପ ହାଉସ୍‌ର ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା। ଚାରିଛକ ଠାରୁ ମନମୁଣ୍ଡା ଯାଏ ଜାତୀୟ ରାଜପଥ ପ୍ରଶସ୍ତୀକରଣ ବେଳେ ନଷ୍ଟ ହୋଇଥିବା ୨୭ଟି ନଳକୂପ ଖନନ କରିବା ଓ କ୍ଷତିଗ୍ରସ୍ତ ୧୪ଟି ପାଇପ ଜଳଯୋଗାଣ ପ୍ରକଳ୍ପର ଆବଶ୍ୟକ ପାଇପ୍ ବିଛାଇ କାର୍ଯ୍ୟକ୍ଷମ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ସରକାରଙ୍କ ଠାରୁ ମିଳିଥିବା ୧କୋଟି ୮୦ ଲକ୍ଷ ଟଙ୍କା ବିନିଯୋଗ ଦିଗରେ ସମ୍ବଲପୁର ସ୍ଥିତ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯିବାକୁ ନିଷ୍ପତ୍ତି ହୋଇଛି। ବୁଟୁମୁଣ୍ଡା ଠାରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ନଷ୍ଟ ହୋଇଥିବା ୨୨ଟି ନଳକୂପ ଓ ୨ଟି ଜଳଯୋଗାଣ ପ୍ରକଳ୍ପର ପାଇପ ପୁନର୍ବାର ବିଛାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୌଦ୍ଧ ଓ କନ୍ଧମାଳ ବ୍ଲକରେ ଥିବା ସମସ୍ତ ଜଳଯୋଗାଣ ପ୍ରକଳ୍ପ ଅଧୀନ ଘରଗୁଡିକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସମସ୍ତ ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ ସମିତି ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବବିତାରାଣୀ ଦଳବହେରାଙ୍କ ସମେତ ତିନି ବ୍ଲକର ବିଡିଓ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଭକ୍ତିଶୋଭ ମନହରି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ ନାଏକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସମୀକ୍ଷା ବୈଠକରେ ନିର୍ଦ୍ଦେଶ**